## ବଜ୍ରପାତରେ ମହିଳା ମୃତ

**ମହୁଲଡିହା/ଠାକୁରମୁଣ୍ଡା, ୧୧।୬(ସମିସ):** ଠାକୁରମୁଣ୍ଡା ବ୍ଲକ ମହୁଲଡିହା ଥାନା କେଶଡିହା ପଞ୍ଚାୟତ ମିଟୁଆଣି ଗ୍ରାମରେ ବଜ୍ରପାତରେ ଜଣେ ମହିଳା ମୃତ୍ୟୁବରଣ କରିଛନ୍ତି। ମୃତକ ଜଣକ ରମାକାନ୍ତ ବଂଶୁଲିଆଙ୍କ ସ୍ତ୍ରୀ ପାର୍ବତୀ(୪୮)। ସେ ୧୦ ତାରିଖ ଅପରାହ୍ନରେ ଶୋଇଥିବା ବେଳେ ଘଡ଼ଘଡ଼ି ସହିତ ବର୍ଷା ଓ ବଜ୍ରପାତ ହୋଇଥିଲା। ଏଥିରେ ପାର୍ବତୀ ଚେତା ହରାଇଥିଲେ। ପରିବାର ଲୋକ ଠାକୁରମୁଣ୍ଡା ଗୋଷ୍ଠୀ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେ ସୁସ୍ଥ ଅନୁଭବ କରିବାରୁ ଘରକୁ ନେଇଥିଲେ। ରାତିରେ ପୁଣି ଅସୁସ୍ଥ ଅନୁଭବ କରିବାରୁ ପାର୍ବତୀଙ୍କୁ ରାତି ପ୍ରାୟ ୩ଟା ସମୟରେ ଠାକୁରମୁଣ୍ଡା ଗୋଷ୍ଠୀ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ମାତ୍ର ଚିକିତ୍ସାଧୀନ ଅବସ୍ଥାରେ ଆଜି ତାଙ୍କର ମୃତ୍ୟୁ ହୋଇଥିଲା। ମହୁଲଡିହା ଥାନା ଏଏସଆଇ ବିଜୟକୃଷ୍ଣ ସାନ୍ତର ଅପମୃତ୍ୟୁ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ ନିମନ୍ତେ ପଠାଇ ତଦନ୍ତ ଜାରି ରଖିଛନ୍ତି।

## ହରିହର ଦିଗାରଙ୍କ ପରଲୋକ

**ରାସଗୋବିନ୍ଦପୁର, ୧୧।୬(ସମିସ):** ସାରୁମୂଳା ପଞ୍ଚାୟତ ଅନ୍ତର୍ଗତ ବାଘସାହି ଗ୍ରାମର ସମାଜସେବୀ ହରିହର ଦିଗାର (୭୮)ଙ୍କ ବୁଧବାର ସକାଳେ ପରଲୋକ ଘଟିଛି। ମୃତ୍ୟୁଶଯ୍ୟା ନିକଟରେ ତାଙ୍କ ସ୍ତ୍ରୀ ଶାନ୍ତିଲତା ଦିଗାର, ପୁଅ ନିର୍ମଳ ଦିଗାର ଓ ବିଶ୍ୱନାଥ ଦିଗାର, ବୋହୂ ଯୋଶଦା ଦେହୁରୀ ଓ ସୁମତି ଦିଗାର ସହ ପରିବାରବର୍ଗ ଓ ଆତ୍ମୀୟସ୍ୱଜନ ଉପସ୍ଥିତ ଥିଲେ। ସ୍ଥାନୀୟ ସରପଞ୍ଚ ମନୋରଞ୍ଜନ ସିଂ, ସମିତି ସଭ୍ୟା ମମତା ମହାନ୍ତି, ଜିଲ୍ଲା ପରିଷଦ ସଭ୍ୟ ଶ୍ୟାମସୁନ୍ଦର ଡାକୁଆ ଓ ସମାଜସେବୀ ଉତ୍ତମ ମହାନ୍ତି ପ୍ରମୁଖ ଉପସ୍ଥିତ ହୋଇ ଶେଷ ଦର୍ଶନ କରିଥିଲେ।

## ଯୁବକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

**ରାଇରଙ୍ଗପୁର/ଗୋରୁମହିଷାଣୀ, ୧୧।୬(ସମିସ):** ଗୋରୁମହିଷାଣୀ ଥାନା ଅଞ୍ଚଳରେ ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର କରାଯାଇଛି। ମୃତକ ଜଣକ ଗୋରୁମହିଷାଣୀ ଥାନା ଅନ୍ତର୍ଗତ ସୁଦର୍ଶନପୁର ପଞ୍ଚାୟତ ଡାହୁପାଣି ଗ୍ରାମର ସ୍ୱର୍ଗତ ସୁନାରାମ ଦେହୁରୀଙ୍କ ପୁଅ ସାନୁ ଦେହୁରୀ (୨୪)। ସେ ଆତ୍ମହତ୍ୟା ନେଇ ସନ୍ଦେହ କରାଯାଉଛି। ଝାଡ଼ଖଣ୍ଡର ଗୁରୁବାରୀଙ୍କୁ ସେ ଗତ ୩ ବର୍ଷ ପୂର୍ବେ ବିବାହ କରିଥିଲେ। ପୂର୍ବରୁ ଉଭୟଙ୍କ ମଧ୍ୟରେ ପାରିବାରିକ କଳହ ଲାଗି ରହିଥିଲା। ଦମ୍ପତି ଗୋରୁମହିଷାଣୀ ହାଟକୁ ଯାଇ ହାଣ୍ଡିଆ ପିଇ ଘରକୁ ଫେରିଥିଲେ। ପୁଣି ଦମ୍ପତିଙ୍କ ମଧ୍ୟରେ ବଚସା ହୋଇଥିଲା। ଯାହାକୁ ନେଇ ବେକରେ ଗାମୁଛା ବାନ୍ଧି ସାନୁ ଏକ ଗଛରେ ଝୁଲି ପଡ଼ିଥିଲେ। ଗ୍ରାମବାସୀଙ୍କଠାରୁ ପୁଲିସ ଖବର ପାଇ ଘଟଣାସ୍ଥଳରେ ପହଞ୍ଚିଥିଲା। ମୃତଦେହ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ରାଇରଙ୍ଗପୁର ଉପଖଣ୍ଡ ହସ୍ପିଟାଲକୁ ପଠାଇଥିଲା। ଏ ନେଇ ଗୋରୁମହିଷାଣୀ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ପୁଲିସ ତଦନ୍ତ କରୁଛି।

## ଲକ୍ଷାଧିକ ଟଙ୍କାର ସୁନା ଅଳଙ୍କାର ଓ ଟଙ୍କା ଚୋରି

**ଉଦଳା, ୧୧।୬(ସମିସ):** ଉଦଳା ଥାନା ଅନ୍ତର୍ଗତ ଏନଏସି ୱାର୍ଡ ନମ୍ବର ୧୦ରେ ଥିବା ଏକ ଘରୁ ଚୋରି ହୋଇଛି। ୱାର୍ଡ ବାସିନ୍ଦା ପି. ଜ୍ୟୋତି ରଞ୍ଜନ ପାତ୍ରଙ୍କ ସ୍ତ୍ରୀ ଘରେ ଥିଲେ। କିଛି କାମ ପାଇଁ ବାହାରକୁ ଯାଇଥିଲେ। ଲୁଟେରାମାନେ କିଛି ସମୟ ଧରି ତାଙ୍କ ଘର ସାମ୍ନା ରାସ୍ତାରେ ବୁଲିଥିଲେ ଓ ଘରେ ପଶି ଲୁଟ୍ କରିଥିଲେ। ଜ୍ୟୋତି ରଞ୍ଜନ ପାତ୍ରଙ୍କ ସ୍ତ୍ରୀ ଘଣ୍ଟାଏ ପରେ ଘରକୁ ଫେରିଥିଲେ। ଘରକୁ ଫେରିବା ପରେ ଘରୁ ଲୁଟ ହୋଇଥିବା ଜାଣିବାକୁ ପାଇଥିଲେ। ଲୁଟେରାମାନେ ଘରର ଗଡ଼ରେଜ ଭାଙ୍ଗି ସେଥିରେ ଥିବା ୨୦ ହଜାର ନଗଦ ଟଙ୍କା ସହିତ ଲକ୍ଷାଧିକ ଟଙ୍କାର ସୁନା ଅଳଙ୍କାର ଲୁଟି ନେଇଥିବା ଜାଣିବାକୁ ପାଇଥିଲେ। ପରେ ଏ ନେଇ ଉଦଳା ଥାନାରେ ଲିଖିତ ଅଭିଯୋଗ କରିଥିବାବେଳେ ପୁଲିସ ଘଟଣାର ତଦନ୍ତ ଆରମ୍ଭ କରିଛି।

## ଏସ୍‌ବିଆଇ ପକ୍ଷରୁ ରକ୍ତଦାନ ଶିବିର

**ବାରିପଦା, ୧୧।୬(ସମିସ):** ସ୍ଥାନୀୟ ଷ୍ଟାଡ଼ିୟମ ସମ୍ମିଳନୀ କକ୍ଷରେ ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆ ପକ୍ଷରୁ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା ଧନଞ୍ଜୟ ମହାନ୍ତ, ଅତିରିକ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା ବିଜୟ କୁମାର ଦାଶ, ଏସବିଆଇ ଆଞ୍ଚଳିକ ପ୍ରବନ୍ଧକ ସୁଭାଶିଷ ମିଶ୍ର ଓ ମୁଖ୍ୟ ପ୍ରବନ୍ଧକ ଗୋବର୍ଦ୍ଧନ ଦାସ, ବିଭୂପଦ ସାହୁ, ସମୀର କୁମାର ସାହୁ, ଅରୁଣଜ୍ୟୋତି ମହାନ୍ତି ଅତିଥି ଭାବେ ଯୋଗଦେଇ ଶିବିରକୁ ଉଦଘାଟନ କରିବା ସହ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। ମୁଖ୍ୟ ସଂଯୋଜକ ଶିବାନୀ ନାୟକଙ୍କ ନେତୃତ୍ୱ ଏବଂ ସମାଜସେବୀ ଅମର ସେଠୀ ଓ ଅବସରପ୍ରାପ୍ତ ବ୍ୟାଙ୍କ ଅଧିକାରୀ ସଞ୍ଜୟ ପଟ୍ଟନାୟକଙ୍କ ଦିଗଦର୍ଶନରେ ଆୟୋଜିତ ଶିବିରରେ ୩୬ ଜଣ ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରିଥିଲେ। ରକ୍ତ ଭଣ୍ଡାର ଅଧିକାରୀ ଡା. ସୌମ୍ୟରଞ୍ଜନ ନାୟକ ଓ ଡା. ନୀଲେଶ ଦାସଙ୍କ ନେତୃତ୍ୱରେ ବିଜୟ ବାଡ୍ରା, ଛବି ମହାନ୍ତ ଓ କରୁଣାକର ଜେନା ରକ୍ତ ସଂଗ୍ରହ କରିଥିଲେ। ଗ୍ଲୋରୀ ଟୁଡୁ, ଚନ୍ଦ୍ରମୁଖୀ ହେମ୍ବ୍ରମ ଓ ରଜତ କୁମାର ପଣ୍ଡା ଶିବିର ପରିଚାଳନାରେ ସହଯୋଗ କରିଥିଲେ।

## ଡ୍ରାଇଭର ସଂଘର ଦାବିପତ୍ର ପ୍ରଦାନ

**ବାରିପଦା, ୧୧।୬(ସମିସ):** ଓଡ଼ିଶା ଡ୍ରାଇଭର ମହାସଂଘ ମୟୂରଭଞ୍ଜ ଜିଲ୍ଲା ଶାଖା ପକ୍ଷରୁ ଗୁରୁବାର ରାଜ୍ୟ ପରିବହନ ମନ୍ତ୍ରୀ ଓ ପରିବହନ କମିଶନରଙ୍କ ଉଦ୍ଦେଶ୍ୟରେ ମୟୂରଭଞ୍ଜ ଜିଲ୍ଲାପାଳ ଓ ଆଞ୍ଚଳିକ ପରିବହନ ଅଧିକାରୀଙ୍କ ଜରିଆରେ ଦାବିପତ୍ର ପ୍ରଦାନ କରାଯାଇଛି। ଅଟୋ ଓ ବୃତ୍ତିଗତ ପ୍ରାଇଭେଟ୍ ଗାଡ଼ି ଡ୍ରାଇଭରଙ୍କୁ ଓଡ଼ିଶା ମଟର ପରିବହନ ଡ୍ରାଇଭର କଲ୍ୟାଣ ବୋର୍ଡରେ ସାମିଲ କରିବା, ସମସ୍ତ ଡ୍ରାଇଭରଙ୍କୁ ସାମାଜିକ ସୁରକ୍ଷା (ସୋସିଆଲ ସିକ୍ୟୁରିଟି) ପ୍ରଦାନ କରିବା, ବୋର୍ଡ ନିର୍ବାଚନରେ ଭୋଟ୍ ଦେବାର ସାମ୍ବିଧାନିକ ଅଧିକାର ପ୍ରଦାନ କରିବା ସମେତ ବିଭିନ୍ନ ସମସ୍ୟାର ସ୍ଥାୟୀ ସମାଧାନ ଦାବି କରାଯାଇଛି। ଓଡ଼ିଶା ଡ୍ରାଇଭର ଏକତା ମହାମଞ୍ଚ ଓ ଓଡ଼ିଶା ଡ୍ରାଇଭର ମହାସଂଘ ପକ୍ଷରୁ ପ୍ରଦାନ କରାଯାଇଥିବା ଏହି ଦାବିପତ୍ରରେ କୁହାଯାଇଛି ଯେ, ବିଗତ କିଛିଦିନ ଧରି ପରିବହନ ମନ୍ତ୍ରୀ ଓ ପରିବହନ କମିଶନରଙ୍କୁ ବାରମ୍ବାର ଅବଗତ କରାଯାଇଥିଲେ ମଧ୍ୟ କୌଣସି ସମାଧାନ ହୋଇନାହିଁ। ଫଳରେ ଡ୍ରାଇଭରମାନେ ବହୁତ କଷ୍ଟର ସମ୍ମୁଖୀନ ହେଉଛନ୍ତି। ଆଗାମୀ ୯୦ ଦିନ ମଧ୍ୟରେ ଡ୍ରାଇଭରଙ୍କ ସମସ୍ୟାର ସ୍ଥାୟୀ ସମାଧାନ ନ ହେଲେ ସମଗ୍ର ଡ୍ରାଇଭର ସମାଜ ବାଧ୍ୟ ହୋଇ ଆନ୍ଦୋଳନାତ୍ମକ ପନ୍ଥା ଆପଣାଇବେ। ଦାବିପତ୍ର ପ୍ରଦାନ ସମୟରେ ଜିଲ୍ଲା ସଂଘ ସଭାପତି ବିଜୟ ଦାସ ଓ କୋଷାଧ୍ୟକ୍ଷ ପାର୍ଥସାରଥୀ ମହାନ୍ତଙ୍କ ସହିତ ସଦସ୍ୟ ଉପସ୍ଥିତ ଥିଲେ।

## ଉଦଳାରେ ପେଟ୍ରୋଲର କୃତ୍ରିମ ଅଭାବ

**ଉଦଳା, ୧୧।୬(ସମିସ):** ଉଦଳାରେ ପେଟ୍ରୋଲର କୃତ୍ରିମ ଅଭାବ ଦେଖାଦେଇଛି। ପେଟ୍ରୋଲ ଅଭାବ ଯୋଗୁଁ ବହୁ ଅସୁବିଧାରେ ସମ୍ମୁଖୀନ ହେଉଛନ୍ତି ଗ୍ରାହକ। ମୟୂରଭଞ୍ଜ ଜିଲ୍ଲା ଉଦଳାର ବିଭିନ୍ନ ପେଟ୍ରୋଲ ପମ୍ପରେ ପେଟ୍ରୋଲ ନ ଥିବା ଦେଖିବାକୁ ମିଳୁଛି। ୩ ଦିନ ଧରି ପେଟ୍ରୋଲ ପମ୍ପରେ ପେଟ୍ରୋଲ ନ ଥିବା କହୁଛନ୍ତି ଗ୍ରାହକ। ଇଣ୍ଡିଆନ, ଏସାର ଓ ରିଲାନ୍ସ ପେଟ୍ରୋଲ ପମ୍ପରେ ପେଟ୍ରୋଲ ନ ଥିବା ସମସ୍ୟା ଭୋଗୁଛନ୍ତି ଲୋକ। ପେଟ୍ରୋଲ ନ ଥିବାରୁ ପେଟ୍ରୋଲ ପମ୍ପ ଖାଁ ଖାଁ ଦେଖିବାକୁ ମିଳିଛି। ଯେଉଁ ପେଟ୍ରୋଲ ପମ୍ପରେ ତେଲ ପହଞ୍ଚୁଛି ଲୋକଙ୍କ ଲମ୍ବା ଧାଡ଼ି ଦେଖିବାକୁ ମିଳୁଛି। ଆଗକୁ ପେଟ୍ରୋଲ ସମସ୍ୟା ଦେଖାଦେଲେ ଯାତାୟାତରେ ଅନେକ ଅସୁବିଧା ହେବାର ଆଶଙ୍କା କରାଯାଉଛି। ଗୋଟିଏ ପଟେ ସରକାର ପେଟ୍ରୋଲ ପର୍ଯ୍ୟାପ୍ତ ପରିମାଣରେ ମହଜୁତ ଥିବା କହୁଥିବାବେଳେ ଦିନକୁ ଦିନ ପେଟ୍ରୋଲ ସମସ୍ୟା ବଢ଼ିବାରେ ଲାଗିଛି।

## ଉପଜିଲ୍ଲାପାଳଙ୍କୁ ଭତ୍ତା ହିତାଧିକାରୀଙ୍କ ଦାବିପତ୍ର

**ଉଦଳା, ୧୧।୬(ସମିସ):** ଭତ୍ତା ପାଇଁ ବାରମ୍ବାର ଆଉ ଦୌଡ଼ି ହେଉନାହିଁ। ଚାରିମାସ ହେଲା ଦୌଡ଼ି ଦୌଡ଼ି ନୟାନ୍ତ ହେଲୁଣି। ଏଣୁ ଆମକୁ ହାତାହାତି ଟଙ୍କା ଦିଅ ବୋଲି ଦାବି କରି ଭତ୍ତା ଟଙ୍କାରୁ ବଞ୍ଚିତ ବୃଦ୍ଧବୃଦ୍ଧା ଉପଜିଲ୍ଲାପାଳଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି। ଉଦଳା ବ୍ଲକର ବିଭିନ୍ନ ପଞ୍ଚାୟତରେ ଥିବା ବୃଦ୍ଧବୃଦ୍ଧା ଚାରିମାସରୁ ଅଧିକ ହେବ ଭତ୍ତା ଟଙ୍କା ପାଇନାହାନ୍ତି। ମାସ ପୂରିଲେ ବ୍ୟାଙ୍କକୁ ଯାଇ ଟଙ୍କା ବାବଦରେ ପଚାରି ନିରାଶ ହୋଇ ଫେରିବାକୁ ପଡୁଛି ବୋଲି କହିଛନ୍ତି ହିତାଧିକାରୀ। ଯାହାକୁ ନେଇ ଉଦଳା କଂଗ୍ରେସ ଏହି ହିତାଧିକାରୀଙ୍କୁ ଧରି ସେମାନଙ୍କ ଦାବି ପୂରଣ ପାଇଁ ଉପଜିଲ୍ଲାପାଳଙ୍କୁ ଭେଟିଥିଲେ। ଭତ୍ତା ଟଙ୍କା ବୃଦ୍ଧବୃଦ୍ଧାଙ୍କ ପାଇଁ ଅତି ଜରୁରୀ ହୋଇଥିବାବେଳେ ତାହା ମିଳୁ ନ ଥିବାରୁ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତୁରନ୍ତ ସେମାନଙ୍କୁ ବକେୟା ଭତ୍ତା ପ୍ରଦାନ କରାଯିବା ସହିତ ଆଗାମୀ ଦିନରେ ହାତରେ ଭତ୍ତା ଟଙ୍କା ଦେବାକୁ ଦାବି କରିଛି କଂଗ୍ରେସ। ଦାବି ପୂରଣ ନ ହେଲେ ଆଗାମୀ ଦିନରେ କଂଗ୍ରେସ ହିତାଧିକାରୀଙ୍କ ସହ ରାଜରାସ୍ତାକୁ ଓହ୍ଲାଇବ ବୋଲି ଚେତାବନୀ ଦେଇଛି।

### ପାଞ୍ଚପିଢ଼ ଉପଖଣ୍ଡରେ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା ବୈଠକ

# ଅଧାପନ୍ତରିଆ ପ୍ରକଳ୍ପ ଶୀଘ୍ର ଶେଷ କରିବାକୁ ନିର୍ଦ୍ଦେଶ

**କରଞ୍ଜିଆ, ୧୧।୬(ସମିସ)**



ପାଞ୍ଚପିଢ଼ ଉପଖଣ୍ଡରେ ଚାଲିଥିବା ବିଭିନ୍ନ ବିଭାଗୀୟ ଉନ୍ନୟନମୂଳକ କାର୍ଯ୍ୟ, ଅନୁମୋଦିତ ପ୍ରକଳ୍ପ ଓ ସରକାରୀ ଯୋଜନାର ଅଗ୍ରଗତି ସମୀକ୍ଷା ନିମନ୍ତେ ଉପଖଣ୍ଡସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥ ସମ୍ମିଳନୀ କକ୍ଷରେ ଆୟୋଜିତ ଏହି ବୈଠକରେ ରାଇରଙ୍ଗପୁରର ଅତିରିକ୍ତ ଜିଲ୍ଲାପାଳ ଅଜିତ କୁମାର ଅଧ୍ୟକ୍ଷତା କରିଥିବାବେଳେ ଉପଜିଲ୍ଲାପାଳ ଡଃ ଦୟାସିନ୍ଧୁ ପରିଡ଼ା ଯୋଗ ଦେଇଥିଲେ। ବୈଠକରେ ଉପଖଣ୍ଡ ଅନ୍ତର୍ଗତ ବିଭିନ୍ନ ଲାଇନ୍ ବିଭାଗ ଓ ରାଜସ୍ୱ ବିଭାଗର ଅଧିକାରୀ ନିଜ ନିଜ ବିଭାଗର ଉନ୍ନୟନମୂଳକ କାର୍ଯ୍ୟକ୍ରମର ଅଗ୍ରଗତି ତଥ୍ୟ ପାୱାର ପଏଣ୍ଟ ମାଧ୍ୟମରେ ଉପସ୍ଥାପନ କରିଥିଲେ। ସମୀକ୍ଷା ସମୟରେ ଯେଉଁ ପ୍ରକଳ୍ପ ଅଧାପନ୍ତରିଆ ଅବସ୍ଥାରେ ରହିଛି କିମ୍ବା ବିଭିନ୍ନ କାରଣରୁ ବିଳମ୍ବିତ ହେଉଛି, ସେଗୁଡ଼ିକୁ ଶୀଘ୍ର ସମ୍ପୂର୍ଣ୍ଣ କରିବାକୁ ସମ୍ପୃକ୍ତ ଅଧିକାରୀଙ୍କୁ ତାଗିଦ କରାଯାଇଥିଲା। କୌଣସି ବାଧାବିଘ୍ନ ଉପୁଜିଲେ ତୁରନ୍ତ ପ୍ରଶାସନକୁ ଅବଗତ କରିବା ପାଇଁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଥିଲା।

ଉକ୍ତ ବୈଠକରେ ବିଶେଷକରି କରଞ୍ଜିଆ ବ୍ଲକର ବଡ଼ଦେଉଳି, ରରୁଆଁର ଟିଙ୍ଗିରିଆ, ଯଶିପୁରର ମାଟିଆଗଡ଼, ଠାକୁରମୁଣ୍ଡାର ଦିଗଧର ଓ ଶୁକ୍ରୁଳି ବ୍ଲକର ଖୁଁଟିଙ୍ଗସ୍ଥ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଭିତ୍ତିଭୂମି ବିକାଶ ଉପରେ ଆଲୋଚନା ହୋଇଥିଲା। ଶ୍ରେଣୀଗୃହ ମରାମତି, ସାଇକଲ ଷ୍ଟାଣ୍ଡ ନିର୍ମାଣ, ପାଣି ଟାଙ୍କି ମରାମତି, ଖେଳ ପଡ଼ିଆ ବିକାଶ, ବିଦ୍ୟୁତ ସଂଯୋଗ, ଶୌଚାଳୟ ନିର୍ମାଣ ଓ ପାଚେରୀ ନିର୍ମାଣ ଭଳି ଆବଶ୍ୟକ କାର୍ଯ୍ୟ ଶୀଘ୍ର ସମ୍ପାଦନ କରିବାକୁ ଗୁରୁତ୍ୱ ଦିଆଯାଇଥିଲା। ସେହିପରି କରଞ୍ଜିଆ ବ୍ଲକର ଟାଟୋସ୍ଥ ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ ପରିସରକୁ ସମ୍ପ୍ରସାରଣ କରିବା ପାଇଁ ଅତିରିକ୍ତ ୩ ଏକର ଜମି ଯୋଗାଇ ମୋଟ ୧୦ ଏକର ବିଶିଷ୍ଟ କରିବା ଓ ରରୁଆଁ ବ୍ଲକରେ ପ୍ରସ୍ତାବିତ ଏକଲବ୍ୟ ବିଦ୍ୟାଳୟ ସ୍ଥାପନ ପାଇଁ ଆବଶ୍ୟକ ୧୦ ଏକର ଜମି ଚିହ୍ନଟ କରିବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। କ୍ଷୁଦ୍ର ଜଳସେଚନ ଓ ଉଠା ଜଳସେଚନ ବିଭାଗ ପକ୍ଷରୁ ଡିପ୍ ବୋରୱେଲ୍ ଓ ଜଳ ସଂରକ୍ଷଣ ପ୍ରକଳ୍ପ ମାଧ୍ୟମରେ କେତେ ଚାଷୀ ଉପକୃତ ହେଉଛନ୍ତି ତାହାର ସମୀକ୍ଷା କରାଯାଇଥିଲା। ବିଦ୍ୟୁତ ସଂଯୋଗ ଅଭାବରୁ ବାଧାପ୍ରାପ୍ତ ପ୍ରକଳ୍ପର ସମସ୍ୟା ତୁରନ୍ତ ସମାଧାନ କରିବାକୁ ଟିପିଏନଓଡିଏଲ୍ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ଏହାବ୍ୟତୀତ ସମାଜ ସୁରକ୍ଷା ଭତ୍ତା, କୃଷି, ଉଦ୍ୟାନ କୃଷି, ନିୟନ୍ତ୍ରିତ ବଜାର କମିଟି ଓ ସ୍ୱାସ୍ଥ୍ୟ ବିଭାଗର ବିଭିନ୍ନ ଯୋଜନାର ଅଗ୍ରଗତି ସମୀକ୍ଷା କରାଯାଇଥିଲା। କରଞ୍ଜିଆ ଉପଖଣ୍ଡ ଡାକ୍ତରଖାନା ଓ ବିଭିନ୍ନ ପିଏଚ୍‌ସି, ସିଏଚ୍‌ସିର ସମସ୍ୟା, ସହରର ମୁଖ୍ୟ ରାସ୍ତାରେ ଯାତାୟାତ ବାଧା ସୃଷ୍ଟି କରୁଥିବା ସମସ୍ୟାର ସମାଧାନ ନେଇ ମଧ୍ୟ ଆଲୋଚନା ହୋଇଥିଲା। ଉପଖଣ୍ଡର ସର୍ବାଙ୍ଗୀନ ବିକାଶ ଓ ସରକାରଙ୍କ ଜନହିତକର ଯୋଜନାର ଶତପ୍ରତିଶତ ସଫଳ ରୂପାୟନ ପାଇଁ ସମସ୍ତ ବିଭାଗ ମଧ୍ୟରେ ସମନ୍ୱୟ ଓ କ୍ଷେତ୍ରସ୍ତରୀୟ ଅଧିକାରୀଙ୍କ ଦାୟିତ୍ୱବୋଧ ଅତ୍ୟନ୍ତ ଆବଶ୍ୟକ ବୋଲି ଉପଜିଲ୍ଲାପାଳ ଡଃ ଦୟାସିନ୍ଧୁ ପରିଡ଼ା ମତ ପ୍ରକାଶ କରିଥିଲେ। ବୈଠକରେ ଅତିରିକ୍ତ ଉପଜିଲ୍ଲାପାଳ ପ୍ରକାଶ ଦାସ, ଆସିଷ୍ଟାଣ୍ଟ କଲେକ୍ଟର ନିହାର ରଞ୍ଜନ ସେଠୀ, କିରଣ କୁମାର ପ୍ରଧାନ, ଆଇଟିଡିଏ ପ୍ରକଳ୍ପ ପ୍ରଶାସକ ଚିତ୍ତରଞ୍ଜନ ମହାନ୍ତ ପ୍ରମୁଖ ଉପସ୍ଥିତ ଥିଲେ।

## ରଘୁନାଥ ମୁର୍ମୁଙ୍କ ଜନ୍ମପୀଠ ପରିଦର୍ଶନ କଲେ ଛାତ୍ରଛାତ୍ରୀ



**ରାଇରଙ୍ଗପୁର, ୧୧।୬(ସମିସ):** ରାଇରଙ୍ଗପୁରର ଦାଣ୍ଡବୋଷସ୍ଥ ଅଲଚିକି ଲିପି ସ୍ରଷ୍ଟା ପଣ୍ଡିତ ରଘୁନାଥ ମୁର୍ମୁଙ୍କ ଜନ୍ମ ପୀଠ ଛାତ୍ରଛାତ୍ରୀ ପରିଦର୍ଶନ କରିଛନ୍ତି। ଅଲଚିକି ଲିପି ଶିକ୍ଷାର ପ୍ରଚାର ଓ ପ୍ରସାର ପାଇଁ ମାଗଣା ତାଲିମ ଶିବିର ରାଇରଙ୍ଗପୁର ବାଳକ ଉଚ୍ଚବିଦ୍ୟାଳୟ ପରିସରରେ ଶହୀଦ ନୁଦୁରାମ ମେମୋରିଆଲ ଟ୍ରଷ୍ଟ ଓ ଅଲ୍ ଇତୁନ ଆଶ୍ରା ଆନୁକୂଲ୍ୟରେ ଅଲଚିକି ଲିପି ଶିକ୍ଷା ଜାରି ରହିଛି। ଉକ୍ତ ଛାତ୍ରଛାତ୍ରୀଙ୍କୁ ପରିଦର୍ଶନ କରାଯାଇଛି। ଟ୍ରଷ୍ଟି ମନୋରଞ୍ଜନ ହାଁସଦାଙ୍କ ନେତୃତ୍ୱରେ ରାଇରଙ୍ଗପୁରର ଦାଣ୍ଡବୋଷସ୍ଥ ଅଲଚିକି ଲିପି ସ୍ରଷ୍ଟା ପଣ୍ଡିତ ରଘୁନାଥ ମୁର୍ମୁଙ୍କ ସମାଧି ପୀଠ ପରିଦର୍ଶନ କରିଥିଲେ ଛାତ୍ରଛାତ୍ରୀ। ଏଠାରେ ୧୯୦୫ ମେ ୫ ତାରିଖ ରଘୁନାଥ ମୁର୍ମୁ ଜନ୍ମଗ୍ରହଣ କରିଥିଲେ। ଦାଣ୍ଡବୋଷ ଗ୍ରାମ ନିକଟସ୍ଥ ଗମ୍ଭାରିଆ ଗ୍ରାମ ସ୍କୁଲରେ ସାତବର୍ଷ ବୟସରୁ ପାଠ ପଢ଼ା ଆରମ୍ଭ କରିଥିଲେ। ଛୋଟ ବେଳରୁ ତାଙ୍କର ମାତୃଭାଷା ପ୍ରତି ବିଶେଷ ଆଗ୍ରହ ଥିଲା। ସେତେବେଳେ ଓଡ଼ିଆରେ ପାଠପଢ଼ା ହେଉଥିବାବେଳେ ସାନ୍ତାଳୀ ଭାଷାର କୌଣସି ଲିପି ନଥିଲା। ନିଜ ମାତୃଭାଷା ପ୍ରେମ ପାଇଁ ୧୯୨୫ରେ ସାନ୍ତାଳୀ ବର୍ଣ୍ଣମାଳା 'ଅଲଚିକି ଲିପି' ପ୍ରସ୍ତୁତ କରିଥିଲେ। ତେଣୁ ତାଙ୍କୁ ଅଲଚିକି ଲିପି ସ୍ରଷ୍ଟା ବା ଅଲଚିକି ଲିପି ଜନକ କୁହାଯାଏ। ୧୯୨୮ରେ ପଣ୍ଡିତ ରଘୁନାଥ ମୁର୍ମୁ ପାଟନା ବିଶ୍ୱବିଦ୍ୟାଳୟରୁ ମ୍ୟାଟ୍ରିକ ପାସ କରିଥିଲେ। ୧୯୩୩ରେ ପଣ୍ଡିତ ବଡ଼ାମତଳିଆସ୍ଥ ଏକ ବିଦ୍ୟାଳୟରେ ଶିକ୍ଷକ ଭାବେ ନିଯୁକ୍ତ ହୋଇ ସେହିଠାରୁ ସେ ଅଲଚିକି ଲିପିରେ ପଢ଼ାଇବା ଆରମ୍ଭ କରିଥିଲେ। ୨୦୦୩ରେ ଭାରତ ସରକାର ସାନ୍ତାଳୀ ଭାଷାକୁ ସମ୍ବିଧାନର ଅଷ୍ଟମ ଅନୁଚ୍ଛେଦରେ ସାମିଲ କରିଥିଲେ। ସାନ୍ତାଳୀ ଜନ ଜୀବନରେ ଉନ୍ନତି ଆଣିବା ପାଇଁ ଓଡ଼ିଶା, ଝାଡଖଣ୍ଡ, ବିହାର, ପଶ୍ଚିମବଙ୍ଗର ସାନ୍ତାଳୀ ସମ୍ପ୍ରଦାୟ ପାଇଁ ଅନେକ ଉନ୍ନୟନମୂଳକ କାର୍ଯ୍ୟ କରିଥିଲେ। ସାନ୍ତାଳୀ ସମାଜର ଉନ୍ନତି ପାଇଁ ପଣ୍ଡିତ ରଘୁନାଥ ମୁର୍ମୁ ତାଙ୍କ ସାରା ଜୀବନକୁ ଉତ୍ସର୍ଗ କରିଥିଲେ। ତେଣୁ ପଣ୍ଡିତ ରଘୁନାଥ ମୁର୍ମୁଙ୍କୁ ସାନ୍ତାଳୀ ସମ୍ପ୍ରଦାୟର ଲୋକେ ଗୁରୁ ଗୋମକେ ବୋଲି ସମ୍ବୋଧନ କରନ୍ତି। ୧୯୮୨ ମାଘ ସପ୍ତମୀରେ ତାଙ୍କର ତିରୋଧାନ ହୋଇଥିଲା। ତିରୋଧାନ ପରେ ୧୯୮୩ ପାଖରୁ ତାଙ୍କ ଶ୍ରାଦ୍ଧ ଦିବସକୁ ସାନ୍ତାଳୀ ସମ୍ପ୍ରଦାୟର ଲୋକେ 'ଗୁରୁ ଦର୍ଶନ ଦିବସ' ଭାବେ ପାଳନ କରିଆସୁଛନ୍ତି।

## ଜିଲ୍ଲାସ୍ତରୀୟ ମ୍ୟାଲେରିଆ ମାସ ପାଳନ ନିମନ୍ତେ ସଚେତନତା ବୈଠକ

**ବାରିପଦା, ୧୧।୬(ସମିସ):** ଜିଲ୍ଲାସ୍ତରୀୟ ମ୍ୟାଲେରିଆ ମାସ ପାଳନ ନିମନ୍ତେ ସଚେତନତା ବୈଠକ ଜିଲ୍ଲା ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ ହେମକାନ୍ତ ସଏଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ସେ ମେଡିକାଲ ଅଫିସର, ସ୍ୱାସ୍ଥ୍ୟ ବିଭାଗର କର୍ମଚାରୀ ଓ ଅନ୍ୟାନ୍ୟ ବିଭାଗର କର୍ମଚାରୀଙ୍କୁ ଯଥାଶୀଘ୍ର ସମସ୍ତ ଜ୍ୱର ରୋଗୀଙ୍କୁ ମ୍ୟାଲେରିଆ ରକ୍ତ ପରୀକ୍ଷା କରିବା ସହ ସମ୍ପୂର୍ଣ୍ଣ ଚିକିତ୍ସା କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଶୋଇଲା ବେଳେ ମଶାରୀ ବ୍ୟବହାର କରିବା ଓ ଘରକୁ ଘର ବୁଲି ଲୋକଙ୍କୁ ସଚେତନତା କରିବା ପାଇଁ କହିଥିଲେ। ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ଧନୁର୍ଜୟ ମହାନ୍ତ ସରକାର ପ୍ରତ୍ୟେକ ପଞ୍ଚାୟତରେ ମ୍ୟାଲେରିଆ ରକ୍ତ ପରୀକ୍ଷା କରିବା, ଆୟୁଷ୍ମାନ କାର୍ଡ ବଣ୍ଟନ, ରକ୍ତହୀନତା ପରୀକ୍ଷା ଓ ଅଣସଂକ୍ରମକ ରୋଗ ଉପରେ ବିସ୍ତୃତ ଆଲୋଚନା କରିଥିଲେ। ଏଥିସହିତ ସମସ୍ତ ମେଡିକାଲ ଅଫିସରଙ୍କୁ ଆଦେଶ ଦେଇଥିଲେ ଯେ, ସ୍ୱାସ୍ଥ୍ୟ କେନ୍ଦ୍ରର ସ୍ୱାସ୍ଥ୍ୟ କର୍ମୀ ଓ ଆଶାକର୍ମୀ, ଅଙ୍ଗନବାଡ଼ି କର୍ମୀ ଘରକୁ ଘର ବୁଲି ପ୍ରତ୍ୟେକ ଦିନ ସନ୍ଧ୍ୟା ବେଳେ ମଶାରୀ ବ୍ୟବହାର କରିବାକୁ ବୁଝାଇବା ସହ ମଶାରୀ ବ୍ୟବହାର କରୁଛନ୍ତି କି ନାହିଁ ତଦାରଖ କରିବେ। ମୋବାଇଲ ହେଲଥ ଟିମ ମ୍ୟାଲେରିଆପ୍ରବଣ ଗାଁରେ ମାସକ ମଧ୍ୟରେ ସର୍ଭେରେ ଜ୍ୱର ଓ ମ୍ୟାଲେରିଆ ରୋଗ ଚିହ୍ନଟ ହେଲେ ସମ୍ପୂର୍ଣ୍ଣ ଚିକିତ୍ସା କରିବାକୁ କହିଥିଲେ। ଜିଲ୍ଲା ଭେକ୍ଟୋର ବାହିତ ରୋଗ ପରାମର୍ଶଦାତା ତପନ କୁମାର ସାହୁ ମ୍ୟାଲେରିଆ ମାସ ପାଳନର କାର୍ଯ୍ୟ ଉପରେ ବିସ୍ତୃତ ବିବରଣୀ ଦେବା ସହ ମ୍ୟାଲେରିଆ ରୋଗ କିପରି ନିୟନ୍ତ୍ରଣ ହୋଇପାରିବ, ତା'ଉପରେ ଆଲୋଚନା କରିଥିଲେ। ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ (ଭିବିଡି) ଡା ବିଜୟ କୁମାର ଦାସ ମୟୂରଭଞ୍ଜ ଜିଲ୍ଲାରେ ସମସ୍ତେ ମିଳିମିଶି କାମ କରି ମ୍ୟାଲେରିଆ ରୋଗକୁ ନିୟନ୍ତ୍ରଣ କରିବାକୁ ଗୁରୁତ୍ୱାରୋପ କରିଥିଲେ। ଏହି ବୈଠକରେ ପଣ୍ଡିତ ରଘୁନାଥ ମୁର୍ମୁ କଲେଜ ଅଧ୍ୟକ୍ଷ ଡା ରିତାଞ୍ଜଳି ବେହେରା, ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ସୁବାସ ନାୟକ, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧୀକ୍ଷକ ଡା ଶଶୀକାନ୍ତ ସେଠୀ, ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ (କୁଷ୍ଠ ରୋଗ) ଡା ଶାନ୍ତନୁ ଦାସ, ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ (ପରିବାର ମଙ୍ଗଳ) ଡା ସୁନନ୍ଦା ମିଶ୍ର, ଜିଲ୍ଲା ସ୍ୱାସ୍ଥ୍ୟ ମିଶନର ପରିଚାଳକ ଅନୀଲ କୁମାର ମହାନ୍ତି, ଜିଲ୍ଲା ଅର୍ଥ ଓ ଉପକରଣ ସହଯୋଗୀ ଗୋପବନ୍ଧୁ ଗିରି ପ୍ରମୁଖ ଯୋଗ ଦେଇଥିଲେ।



### ଓଷ୍ଟାର ଜିଲ୍ଲା କାର୍ଯ୍ୟକାରିଣୀ ବୈଠକ

## ପ୍ରତିଶ୍ରୁତି ପାଳନ ନ କଲେ ପୁଣି ଆନ୍ଦୋଳନ



**ବାରିପଦା, ୧୧।୬(ସମିସ):** ସ୍ଥାନୀୟ ମୁର୍ଗାବାଡି ପୂର୍ଣ୍ଣଚନ୍ଦ୍ର ସ୍ମୃତି ମାଧ୍ୟମିକ ଶିକ୍ଷକ ଭବନଠାରେ ମୟୂରଭଞ୍ଜ ଓଷ୍ଟାର ଜିଲ୍ଲା କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଛି। ଜିଲ୍ଲା ସଭପତି ଚିତ୍ତରଞ୍ଜନ ପଳତାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ଜିଲ୍ଲା ସମ୍ପାଦକ କିଶୋର କୁମାର ଆଚାର୍ଯ୍ୟ ସଂଗଠନକୁ ସୁଦୃଢ଼ କରିବା ପାଇଁ ଉପସ୍ଥିତ ସମସ୍ତ ନେତୃତ୍ୱଙ୍କୁ ଅନୁରୋଧ କରିବା ସହିତ ସରକାର ଶିକ୍ଷକଙ୍କ ଦାବି ସମାଧାନ ପ୍ରତିଶ୍ରୁତି ଦେଇ ପୂରଣ କରିବାରେ ଟାଳଟୁଳ ନୀତିକୁ ସମାଲୋଚନା କରିଥିଲେ। ଦାବି ପୂରଣ ପାଇଁ ସରକାରଙ୍କୁ ଅନୁରୋଧ କରିଥିଲେ। ତୁରନ୍ତ ଅନୁଦାନ ପ୍ରଦାନ, ପେନସନ ପ୍ରଦାନ, ୬ ବର୍ଷ କାର୍ଯ୍ୟକୁ ଚାକିରିରେ ଯୋଡ଼ିବା ସହ ଗ୍ରେଡ ପେ'ର ଅସଙ୍ଗତି ଦୂର କରିବା ଇତ୍ୟାଦି ଦାବି ରହିଛି। ଦାବି ପୂରଣ ନ ହେଲେ ଆଗାମୀ ଦିନରେ ଆନ୍ଦୋଳନ ପାଇଁ ଚେତାବନୀ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ ସମ୍ପାଦକ ଗୋପୀବଲ୍ଲଭ ଭୂୟାଁ, କାର୍ଯ୍ୟକାରୀ ସଭାପତି ଦୟାନିଧି ମହାନ୍ତ, ଉପଦେଷ୍ଟା ଭାରତ ଚନ୍ଦ୍ର ବରାଳ, ସନ୍ତୋଷ କାସ୍ତ, ଅଞ୍ଜଳିବାଳା ଦଳାଇ, ଉପସଭାପତି ବଳରାମ ଦାସ, ସତ୍ୟରଞ୍ଜନ ପଟ୍ଟନାୟକ, ରଞ୍ଜିତା ଦାସ, ସହସମ୍ପାଦକ ବିକାଶ ପଣ୍ଡା, ଅତସୀ କୁଣ୍ଡୁ, ଜିଲ୍ଲା କାର୍ଯ୍ୟକାରିଣୀ ସଦସ୍ୟ କେଦାର ନାଥ ଧଳ, ସୁଶାନ୍ତ ଗିରି, ବିଶ୍ୱଜିତ ବିଶ୍ୱାଳଙ୍କ ସମେତ ବ୍ଲକ ସମ୍ପାଦକ ସୂର୍ଯ୍ୟାନନ୍ଦ ନାୟକ, ନୀଳକଣ୍ଠ ନାୟକ, ନାରାୟଣ ବେହେରା, ଡମ୍ବରୁଧର ରାଉତ, ବୀରେନ୍ଦ୍ର ବେହେରା, ବିକର୍ତ୍ତନ ସାହୁ, ସୁଦର୍ଶନ ବାରିକ, ପ୍ରଦୀପ ଚନ୍ଦ୍ର ମହାନ୍ତ, ମନୋରଞ୍ଜନ ଧଳ, ହାଡ଼ିବନ୍ଧୁ ସାହୁ, ମନୋରଞ୍ଜନ ବାରିକ, ଜ୍ୟୋତିରଞ୍ଜନ ଗିରି, ସହଦେବ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଜିଲ୍ଲା କାର୍ଯ୍ୟକାରିଣୀ ସଦସ୍ୟ ଦେବରାଜ ନାୟକ ଧନ୍ୟବାଦ ଦେଇଥିଲେ।

## ଚିନ୍ତାରେ ଉଜ୍ଜ୍ୱଳା ଗ୍ୟାସ୍ ଉପଭୋକ୍ତା



**ଉଦଳା, ୧୧।୬(ସମିସ):** ଉଜ୍ଜଳା ଯୋଜନାରେ ଥିବା ଗ୍ୟାସ ଉପଭୋକ୍ତା ଏବେ ଚିନ୍ତାରେ। ସରକାରଙ୍କ ଉଜ୍ଜ୍ୱଳା ଯୋଜନାରେ ଥିବା ବର୍ଷକୁ ୯ଟି ଗ୍ୟାସ ପରିବର୍ତ୍ତେ ୪ଟି ଗ୍ୟାସ ପାଇବେ ବୋଲି ଘୋଷଣା ହେବା ପରେ ଗ୍ୟାସ ଉପଭୋକ୍ତାଙ୍କ ମନରେ ଛନକା ପଶିଛି। ଏ ନେଇ ଉଜ୍ଜଳା ଗ୍ୟାସ ହିତାଧିକାରୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇବାରେ ଲାଗିଛି। ୯ଟି ଗ୍ୟାସ ପରିବର୍ତ୍ତେ ୪ଟି ଗ୍ୟାସ କିପରି ବର୍ଷ ତମାମ କେମିତି ଚଳିବେ, ତାହାକୁ ନେଇ ଉଦଳା ଏନ୍‌ଏସିରେ ଥିବା ଉଜ୍ଜଳା ହିତାଧିକାରୀ ମହିଳା ପ୍ରକାଶ କରିଛନ୍ତି। ତେବେ ଗ୍ୟାସ ଅଧିକ ଆବଶ୍ୟକତା ଥିବାବେଳେ ଗ୍ୟାସ ସଂଖ୍ୟା ହ୍ରାସ ଯୋଗୁଁ ଏବେ କାଠ ଚୁଲାରେ ରୋଷେଇ କରିବାକୁ ବାଧ୍ୟ ହେବେ ବୋଲି କହିଛନ୍ତି। ସେପଟେ ବର୍ତ୍ତମାନ ସମୟରେ ଜାଳେଣି କାଠ ମିଳିବା ମଧ୍ୟ କଷ୍ଟକର ହେଉଥିବା କହିଛନ୍ତି।

### ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀଙ୍କ ଗସ୍ତ ନେଇ ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକଙ୍କ ସ୍ଥିତି ଅନୁଧ୍ୟାନ

# ତ୍ରୁଟିଶୂନ୍ୟ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରିବାକୁ ନିର୍ଦ୍ଦେଶ

**ରାଇରଙ୍ଗପୁର, ୧୧।୬ (ସମିସ)**



ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ୧୯ ଓ ୨୦ ତାରିଖରେ ରାଇରଙ୍ଗପୁର ଗସ୍ତ କାର୍ଯ୍ୟକ୍ରମ ରହିଛି। ଯାହାକୁ ନେଇ ପ୍ରଶାସନିକ ଚଳଚଞ୍ଚଳତା ପ୍ରକାଶ ପାଇଥିବାବେଳେ ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଯୋଗେଶ ବାହାଦୂର ଖୁରାନିଆ ସୁରକ୍ଷା ବ୍ୟବସ୍ଥା ସମୀକ୍ଷା କରିଛନ୍ତି। ଗୁରୁବାର ରାଇରଙ୍ଗପୁର ଗସ୍ତରେ ଆସି ପ୍ରତି କାର୍ଯ୍ୟକ୍ରମ ସ୍ଥାନକୁ ଯାଇ ନିଜେ ସ୍ଥିତି ଅନୁଧ୍ୟାନ କରିଛନ୍ତି। ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଶ୍ରୀ ଖୁରାନିଆଙ୍କ ସମେତ ସାଂସଦ ନବଚରଣ ମାଝି, ରାଇରଙ୍ଗପୁର ବିଧାୟକ ଜଲେନ ନାଏକ, ପୂର୍ବାଞ୍ଚଳ ଡିଆଇଜି ପିନାକ ମିଶ୍ର, ଜିଲ୍ଲାପାଳ ହେମକାନ୍ତ ସଏ, ଏସପି ବରୁଣ ଗୁଣ୍ଡୁପାଲି, ଅତିରିକ୍ତ ଜିଲ୍ଲାପାଳ ଅଜିତ କୁମାର, ଅତିରିକ୍ତ ଏସପି ଯଦୁନାଥ ଜେନା, ଏସଡିପିଓ ବୀରେନ୍ଦ୍ର କୁମାର ସେନାପତି ପ୍ରମୁଖ ଉପସ୍ଥିତ ରହି ସ୍ଥିତି ଅନୁଧ୍ୟାନ କରିଛନ୍ତି। ରାଷ୍ଟ୍ରପତି ଜୁନ ୧୯ ତାରିଖ ଓ ୨୦ ତାରିଖରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ରାଇରଙ୍ଗପୁରରେ ପହଞ୍ଚିବେ। ଗସ୍ତ ଅବସରରେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦି ରାଷ୍ଟ୍ରପତିଙ୍କ ବାଦାମପାହାଡ ନିକଟସ୍ଥ ଉପରବେଡା, ପାହାଡପୁର ଗ୍ରାମ ପରିଦର୍ଶନ କରିବା କାର୍ଯ୍ୟକ୍ରମ ରହିଛି। ସେଠାରେ ରାଷ୍ଟ୍ରପତିଙ୍କ ସ୍ୱର୍ଗତ ସ୍ୱାମୀ ଓ ଦୁଇପୁଅଙ୍କ ସ୍ମୃତିରେ ନିର୍ମିତ ଏସଏଲଏସ ସ୍ମାରକୀ ଆବାସିକ ବିଦ୍ୟାଳୟକୁ ଯିବେ। ଏଥିସହିତ ଦକ୍ଷତା ବିକାଶ କେନ୍ଦ୍ର ପରିଦର୍ଶନ କରିବେ। ଏ ଅବସରରେ ଗ୍ରାମବାସୀ, ଛାତ୍ରଛାତ୍ରୀ ଓ ଯୁବକ/ଯୁବତୀଙ୍କ ସହ ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀ ଭାବବିନିମୟ କରିବା ସୂଚନା ମିଳିଛି। ରାଷ୍ଟ୍ରପତିଙ୍କ ଗ୍ରାମ ପରିଦର୍ଶନ କରିବା ପରେ ରାଇରଙ୍ଗପୁରରେ ଆୟୋଜିତ ସାଧାରଣ ସଭାରେ ବିଭିନ୍ନ ପ୍ରକଳ୍ପର ଉଦଘାଟନ କରିବାର କାର୍ଯ୍ୟକ୍ରମ ରହିଛି। ଯାହାକୁ ନେଇ ଶ୍ରୀ ଖୁରାନିଆ ଉପରବେଡା, ପାହାଡପୁର ଗ୍ରାମ ସମେତ ରାଇରଙ୍ଗପୁରସ୍ଥ ଦାଣ୍ଡବୋଷ ଏୟାରଷ୍ଟ୍ରିପ ଅନୁଧ୍ୟାନ କରିଛନ୍ତି। ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀଙ୍କ ସମେତ ମୁଖ୍ୟମନ୍ତ୍ରୀ, ରାଜ୍ୟପାଳ ରାଇରଙ୍ଗପୁର ଗସ୍ତରେ ଆସିବେ। ଯାହାକୁ ନେଇ ୧୨ଟି ହେଲିକପ୍ଟର ଆସିବ। ତେଣୁ ହେଲିପ୍ୟାଡ ନିର୍ମାଣକୁ ଗୁରୁତ୍ୱ ପ୍ରଦାନ କରାଯାଇଛି। ସଭାସ୍ଥଳ, ହେଲିପ୍ୟାଡ, ପାର୍କିଂ, ଟ୍ରାଫିକ ବ୍ୟବସ୍ଥା, ଗସ୍ତ ମାର୍ଗ, ଭିଡ଼ ନିୟନ୍ତ୍ରଣ, ସିସିଟିଭି ଆଦି ତଦାରଖ କରିଛନ୍ତି। ଗସ୍ତକୁ ଦୃଷ୍ଟିରେ ରଖି ରାଇରଙ୍ଗପୁରରେ ସୁରକ୍ଷା ବ୍ୟବସ୍ଥାକୁ କଡାକଡି କରାଯାଇଛି। ସହରର ପ୍ରମୁଖ ପ୍ରବେଶ ପଥରେ ନାକାବନ୍ଦୀ ଜୋରଦାର କରାଯାଇଛି ଓ ସନ୍ଦେହାସ୍ପଦ ବ୍ୟକ୍ତି ଓ ଯାନବାହନ ଉପରେ କଡ଼ା ନଜର ରଖାଯାଉଛି। ଗସ୍ତକୁ ନେଇ ପୁଲିସ ପକ୍ଷରୁ ସୁରକ୍ଷା ବ୍ୟବସ୍ଥା ବାବଦରେ ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଶ୍ରୀ ଖୁରାନିଆ ସମୀକ୍ଷା କରିଛନ୍ତି। ସୁରକ୍ଷା ବ୍ୟବସ୍ଥା କଡାକଡି କରିବା ସହ କୌଣସି ଅବହେଳା ସହ୍ୟ ହେବ ନାହିଁ ବୋଲି ପୁଲିସ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

# ଅପରେସନ୍ ବୈତରଣୀ

# ୪୧ ଗାଡ଼ି ଜବତ; ୪ ଗିରଫ

ଆନନ୍ଦପୁର, ୧୧।୬ (ସମିସ)

କେନ୍ଦୁଝର ଜିଲ୍ଲା ପୁଲିସ ପକ୍ଷରୁ ଚାଲିଥିବା 'ଅପରେସନ୍ ବୈତରଣୀ'ରେ ଆଜି ଆନନ୍ଦପୁରରୁ ୨ ଓ ଘସିପୁରାରୁ ୧ ଗାଡ଼ିକୁ






ମିଶାଇ ମୋଟ ୪୧ଟି ମାମଲା ରୁଜୁ କରାଯାଇ ୪୧ଟି ଗାଡ଼ି ଜବତ କରାଯାଇଥିବା ସୂଚନା ମିଳିଛି। ଏପର୍ଯ୍ୟନ୍ତ ଅପରେସନ ବୈତରଣୀର ଏହା ବଡ଼ ସଫଳତା ବୋଲି କୁହାଯାଉଛି। ସମ୍ପୃକ୍ତ କାରବାରରେ ପୁଲିସ ୪ ଜଣଙ୍କୁ ଗିରଫ କରିଛି। ବେଆଇନ ଭାବେ ବାଲି ଖନନ ଓ ଚୋରା ଚାଲାଣ ବିରୋଧରେ ଆନନ୍ଦପୁର ଉପଖଣ୍ଡ ପୁଲିସର କଡ଼ା କାର୍ଯ୍ୟାନୁଷ୍ଠାନ ପ୍ରକ୍ରିୟା ଜାରି ରହିଛି। ଜିଲ୍ଲା ପୁଲିସ ଆରକ୍ଷୀ ଅଧୀକ୍ଷକଙ୍କ ନିର୍ଦ୍ଦେଶକ୍ରମେ ଗତ ମଇ ୨୦ଠାରୁ ଆରମ୍ଭ ହୋଇଥିବା ଏହି ଅଭିଯାନରେ ଉପଖଣ୍ଡର ବିଭିନ୍ନ ସମ୍ବେଦନଶୀଳ ଅଞ୍ଚଳରେ ଚଢ଼ଉ ଜାରି ରହିଛି। ବେଆଇନ ବାଲି ଉତ୍ତୋଳନ ଏବଂ ପରିବହନରେ ସଂପୃକ୍ତ ବ୍ୟକ୍ତିଙ୍କ ନିରୋଧରେ ମୋଟ ୪୧ ଗୋଟି ମାମଲା ରୁ ମଲା ରୁଜୁ କରାଯାଇଥିବା ବେଳେ ଏହି ଚଢ଼ଉ ସମୟରେ ପୁଲିସ ପକ୍ଷରୁ ୭ଟି ହାଇୱା ଟ୍ରକ୍, ଗୋଟିଏ ଜେସିବି ମେସିନ୍ ଏବଂ ୩୩ଟି ଟ୍ରାକ୍ଟର ଜବତ କରାଯାଇଛି। ଜବତ ଗାଡିଗୁଡ଼ିକ ବେଆଇନ ବାଲି ଖନନ ଓ ଚୋରା ଚାଲାଣ କାର୍ଯ୍ୟରେ ବ୍ୟବହୃତ ହେଉଥିଲା ବୋଲି ପୁଲିସ ସୂଚନା ଦେଇଛି। ପ୍ରାକୃତିକ ସଂପଦର ସୁରକ୍ଷା ଓ ପରିବେଶ ସନ୍ତୁଳନ ରକ୍ଷା ପାଇଁ ବେଆଇନ ଖନନ କାର୍ଯ୍ୟ ବିରୋଧରେ ଆଗାମୀ ଦିନରେ ମଧ୍ୟ ଅଭିଯାନକୁ ଆହୁରି ଜୋରଦାର କରାଯିବା, ଖଣି ଓ ପରିବେଶ ଆଇନ ଉଲଂଘନ କରୁଥିବା ବ୍ୟକ୍ତିଙ୍କ ବିରୋଧରେ କଡ଼ା ଆଇନଗତ ପଦକ୍ଷେପ ଗ୍ରହଣ ଜାରି ରହିବ ବୋଲି ଆନନ୍ଦପୁର ଉପଖଣ୍ଡ ପୋଲିସ ଅଧିକାରୀ କମଳ କୁମାର ପଣ୍ଡା ପ୍ରକାଶ କରିଛନ୍ତି। ବେଆଇନ ବାଲି ଓ ପଥର ଖନନ ଏବଂ ଚାଲାଣ ରୋକିବା ଦିଗରେ ପୁଲିସର ଏହି ଅଭିଯାନକୁ ସ୍ୱାଗତ କରାଯାଇଛି।

## ଚମ୍ପୁଆ ତହସିଲରେ ୪ ଗାଡ଼ି ଜବତ

ଚମ୍ପୁଆ, ୧୧।୬(ସମିସ): ବେଆଇନ ବାଲି ଚାଲାଣ ରୋକିବା ପାଇଁ ଚମ୍ପୁଆ ତହସିଲ ପ୍ରଶାସନ ପକ୍ଷରୁ କଡ଼ା ଅଭିଯାନ ଜାରି ରହିଛି। ଚମ୍ପୁଆ ତହସିଲଦାର ସତ୍ୟବ୍ରତ ସାହୁଙ୍କ ନେତୃତ୍ୱରେ ଚଢ଼ଉ କରାଯାଇ ବାଲି ବୋଝେଇ ତିନୋଟି ଟ୍ରାକ୍ଟର ଓ ଗୋଟିଏ ହାଇୱା ଜବତ କରାଯାଇଛି। ସୂଚନା ଅନୁଯାୟୀ, ତହସିଲଦାରଙ୍କ ଅତର୍କିତ ଯାଞ୍ଚ ବେଳେ ତାଙ୍କ ସରକାରୀ ବାସଭବନ ସମ୍ମୁଖରୁ ଗୋଟିଏ ବାଲି ବୋଝେଇ ଟ୍ରାକ୍ଟର ଧରାପଡ଼ିଥିଲା। ସେହିପରି ଚନ୍ଦ୍ରଶେଖର କଲେଜ ସମ୍ମୁଖରୁ ଆଉ ଦୁଇଟି ଟ୍ରାକ୍ଟର ଏବଂ ଫଗୁ ରୋଡ୍‌ସ୍ଥିତ ଜଗନ୍ନାଥ ମନ୍ଦିର ନିକଟରୁ ଗୋଟିଏ ହାଇୱାକୁ ଅଟକ ରଖାଯାଇଥିଲା। ଜବତ ସମସ୍ତ ଗାଡ଼ିକୁ ପରବର୍ତ୍ତୀ ତଦନ୍ତ ଓ ଆଇନଗତ କାର୍ଯ୍ୟାନୁଷ୍ଠାନ ପାଇଁ ଖଣି ବିଭାଗ (ମାଇନିଙ୍ଗ ବିଭାଗ) ନିକଟକୁ ହସ୍ତାନ୍ତର କରାଯାଇଛି। ଅବୈଧ ଖଣିଜ ସମ୍ପଦ ପରିବହନ ଓ ରାଜସ୍ୱ କ୍ଷତି ରୋକିବା ପାଇଁ ପ୍ରଶାସନର ଏହି ପଦକ୍ଷେପକୁ ସାଧାରଣରେ ସ୍ୱାଗତ କରାଯାଉଛି। ତହସିଲଦାର ସତ୍ୟବ୍ରତ ସାହୁ କହିଛନ୍ତି ଯେ ଅବୈଧ ବାଲି ଚାଲାଣ ବିରୋଧରେ ଆଗାମୀ ଦିନରେ ମଧ୍ୟ ଏଭଳି ଚଢ଼ଉ ଜାରି ରହିବ ଏବଂ ଆଇନ ଉଲ୍ଲଂଘନକାରୀଙ୍କ ବିରୋଧରେ କଡ଼ା ବ୍ୟବସ୍ଥା ଗ୍ରହଣ କରାଯିବ।

### ବାଲି ପରେ ଏବେ ମୋରମ୍ ଲୁଟ୍

# ଠକିବା ପାଇଁ ନମ୍ବର ବିହୀନ ଟ୍ରାକ୍ଟର



ଆନନ୍ଦପୁର, ୧୧।୬(ସମିସ): ପୁଲିସର ଅପରେସନ ବୈତରଣୀ ଚାଲିଥିବା ବେଳେ ବ୍ୟବସାୟୀ ଏବେ ମୋରମ ଲୁଟରେ ଲାଗିପଡିଛନ୍ତି। ପୁଲିସ ଓ ଖଣି ବିଭାଗ ଆଖିରେ ଧୂଳି ଦେଇ ଆନନ୍ଦପୁର ଅଞ୍ଚଳରେ ଏବେ ଚାଲିଛି ନମ୍ବର ବିହୀନ ଟ୍ରାକ୍ଟରରେ ମୋରମ ଲୁଟ। ଖଣି ବିଭାଗ କିମ୍ବା ସ୍ଥାନୀୟ ପ୍ରଶାସନ କେହି ବି ମୋରମ ଲୁଟେରାଙ୍କୁ ଧରିବାକୁ ଆଗ୍ରହ ପ୍ରକାଶ କରୁନାହାନ୍ତି। ଆନନ୍ଦପୁର ଅଞ୍ଚଳରେ ଏବେ ମୋରମ ଖାଦାନ ନଥିବାବେଳେ ସମସ୍ତଙ୍କ ନଜର ଆନନ୍ଦପୁର ବ୍ୟାରେଜ୍ ଦକ୍ଷିଣ ପାର୍ଶ୍ୱ କେନାଲ ଖୋଳା ମାଟି ଉପରେ। ଏପରିକି ନାମକୁ ମାତ୍ର ଟିପି ଅନୁମତି ନେଇ ଏହା ଆଳରେ ମୋରମ ଓ ମାଟି ଲୁଟ୍ ହେଉଛି। ଘସିପୁରା ଥାନା ବଣମୁଣ୍ଡସାହି ଓ କଇନିପୁରା ମୌଜାରେ ଥିବା ମୋରମ ଓ ମାଟିକୁ ଦିନ ରାତି ମେସିନ୍ ଲଗାଇ ବୋହି ନେଉଛନ୍ତି କିଛି ପ୍ରଭାବଶାଳୀ ବ୍ୟକ୍ତି। ନୂତନଭାବେ ନିର୍ମାଣ ହୋଇଥିବା ଗ୍ରାମ୍ୟ ଉନ୍ନୟନ ବିଭାଗ ରାସ୍ତା ଭାଙ୍ଗିଯିବାର ସମ୍ଭାବନା ରହିଥିବାରୁ ଏହାକୁ ଲୋକମାନେ ବିରୋଧ କରୁଥିଲେ ବି ଧମକ ଚମକର ଶିକାର ହୋଇ ନିରବ ହୋଇଯାଇଛନ୍ତି। ସ୍ଥାନୀୟ ଲୋକ ବିରୋଧ କରିବାରୁ ନୂଆ ରାସ୍ତା ନିର୍ମାଣ କରାଯାଇ ମାଟି ଚାଲାଣ ଚାଲିଛି। ଏପଟେ ନାମକୁ ମାତ୍ର ଅନୁମତିପତ୍ର କାଟି ଠିକାଦାରମାନେ ମାତ୍ରାଧିକ ମାଟି ଓ ମୋରମ ବିଭିନ୍ନ ସ୍ଥାନକୁ ଚାଲାଣ କରୁଛନ୍ତି। ଏପରିକି ଏହି ଅନୁମତି ଆଳରେ ମେସିନ୍ ଲଗାଇ ଦିନ ଦିପହରେ ୨୦ରୁ ଅଧିକ ନମ୍ବର ବିହୀନ ଟ୍ରାକ୍ଟରରେ ଆନନ୍ଦପୁର ପୌରାଞ୍ଚଳ ଶୈଳଙ୍ଗସ୍ଥିତ ବିଜି



ମୋଟର୍ସ ନିକଟରେ ଥିବା ଏକ ଟ୍ରାକ୍ଟର ସୋରୁମ ନିକଟକୁ ମାଟି ଚାଲାଣ କରୁଥିବା ଅଭିଯୋଗ ହେଉଛି। ଅନ୍ୟପଟେ ଏନେଇ ଖଣି ଅଧିକାରୀଙ୍କୁ ପଚାରିବାରୁ ସେ କହିଛନ୍ତି, ନମ୍ବର ବିହୀନ ଟ୍ରାକ୍ଟରରେ ଯଦି ମୋରମ ମାଟି ଚୋରା ଚାଲାଣ ହେଉଛି ତାହେଲେ ଏଥିପାଇଁ ପୁଲିସ ଓ ଆରଟିଓ ଧରିଲେ ଆମ ପକ୍ଷରୁ ଜରିମାନା ଆଦାୟ କରାଯିବ। ତେବେ ଘଟଣା ସମ୍ପର୍କରେ ପୁଲିସ୍‌କୁ ସୂଚନା ଦିଆଯାଇଥିଲେ ମଧ୍ୟ ପୁଲିସ ନ ପହଞ୍ଚିବା ନେଇ ସନ୍ଦେହ ସୃଷ୍ଟି ହୋଇଛି। ଜିଲ୍ଲା ପ୍ରଶାସନ ଏହାର ତଦନ୍ତ କରି ଦୋଷୀ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବିଭିନ୍ନ ମହଲରେ ଦାବି ଜୋର୍ ଧରିଛି।

### ଅଣଆବାସିକ କୃଷକ ସଚେତନତା

# ବିନା ସୂଚନାରେ କ୍ଷେତ୍ର ଦିବସ ପାଳନ

ଆନନ୍ଦପୁର, ୧୧।୬(ସମିସ): କେନ୍ଦୁଝର ଜିଲ୍ଲାର ଘସିପୁରା ବ୍ଲକରେ ଅଣଆବାସିକ କୃଷକ ସଚେତନତା କାର୍ଯ୍ୟକ୍ରମ ପରିଚାଳନାରେ ବ୍ୟତିକ୍ରମ ପରିଲକ୍ଷିତ ହୋଇଛି। କୃଷି ବିଭାଗ ପକ୍ଷରୁ ଆୟୋଜିତ ସଚେତନତା କାର୍ଯ୍ୟକ୍ରମରେ ସୂଚନା ଅଭାବରୁ ପ୍ରକୃତ ଚାଷୀ ପହଞ୍ଚି ପାରୁ ନଥିବା ଅଭିଯୋଗ ହେଉଛି। ସରକାରୀ କାର୍ଯ୍ୟକ୍ରମ ଏହି ଜନକଲ୍ୟାଣ କାର୍ଯ୍ୟକ୍ରମ ପ୍ରଚାର ପ୍ରସାର ନକରି ନିଜ ମନମାନିରେ ଚାଲିଛି ବୋଲି ଅଗ୍ରଣୀ ଚାଷୀ ବୈକୁଣ୍ଠନାଥ ଦାଶ ଅଭିଯୋଗ କରିଛନ୍ତି। କୃଷିର ବିକାଶ ନିମନ୍ତେ ରାଜ୍ୟ ସରକାର ବିଭିନ୍ନ ଯୋଜନା କୃଷକଙ୍କ ନିମନ୍ତେ କାର୍ଯ୍ୟକାରୀ କରୁଥିଲେ ମଧ୍ୟ ଚାଷୀ ଓ କୃଷକଙ୍କ ନିକଟରେ ପହଞ୍ଚି ପାରୁନାହିଁ। ରାଜ୍ୟ ସରକାର କୃଷକଙ୍କୁ ଉନ୍ନତମାନର ଚାଷ ପ୍ରଣାଳୀ ସମ୍ପର୍କରେ ସୂଚନା ଦେବାପାଇଁ କୃଷି ବିଭାଗ ଜରିଆରେ ଅଣଆବାସିକ




ସଚେତନତା କାର୍ଯ୍ୟକ୍ରମ କରୁଥିବା ବେଳେ ଏହା କୃଷକଙ୍କୁ ସଚେତନ କରିବା ଯୋଜନା ଘସିପୁରା ବ୍ଲକରେ ଭଣ୍ଡୁର ହୋଇଛି ବୋଲି ଚାଷୀ ନାରାୟଣ ରାଉତ ଅସନ୍ତୋଷ ପ୍ରକାଶ କରିଛନ୍ତି। ଘସିପୁରା ବ୍ଲକର କେଶଦୁରାପାଳରେ ଏକ ଅଣଆବାସିକ କୃଷକ ସଚେତନତା କାର୍ଯ୍ୟକ୍ରମ ହୋଇଥିଲେ ମଧ୍ୟ ସେଠାରେ ପ୍ରକୃତ ଚାଷୀ ଉପସ୍ଥିତ ନଥିବା ବେଳେ ଗଣମାଧ୍ୟମକୁ ସେଥିରୁ ଦୂରେଇ ରଖାଯାଇଥିଲା। ଯାହାଦ୍ୱାରା କି କୃଷକ ମାନଙ୍କ ନିମନ୍ତେ ଉନ୍ନତମାନର ବିହନ ତଥା ସମନ୍ୱିତ ଖାଦ୍ୟ ସାର ସହିତ କୃଷି ଯନ୍ତ୍ରପାତିକୁ ରିହାତି ମାଧ୍ୟମରେ ସରକାର ଯୋଗାଇ ଦିଆଯାଉଥିବା ସମ୍ପର୍କରେ ପ୍ରକୃତ ଚାଷୀ ଏହା ଜାଣିପାରୁ ନାହାନ୍ତି। ଏଣୁ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଏଦିଗରେ ବିହିତ ପଦକ୍ଷେପ ନେବାକୁ ଚାଷୀଙ୍କ ମହଲରେ ଦାବି ହୋଇଛି।

# କାଠ ବୋଝେଇ ପିକ୍‌ଅପ ଭ୍ୟାନ୍ ଜବତ; ଡ୍ରାଇଭର ଅଟକ

ତୁରୁମୁଙ୍ଗା, ୧୧।୬(ସମିସ): କେନ୍ଦୁଝର ଜିଲ୍ଲା ପାଟଣା ରେଞ୍ଜ କେନ୍ଦେଇପଶି ବିଟ୍ ଅନ୍ତର୍ଗତ କେନ୍ଦେଇପଶି ଗ୍ରାମ୍ୟ ଜଙ୍ଗଲରୁ ଇଉକାଲିପଟାସ ଗଛଗୁଡ଼ିକୁ ମେସିନରେ କାଟି ପିକଅପ ଭ୍ୟାନରେ ନେଉଥିବା ସମୟରେ କୌଣସି ସୂତ୍ରରୁ ବନ ବିଭାଗ ଖବର ପାଇ ପାଟଣା ରେଞ୍ଜର ବନବିହାରୀ ସର୍ଦ୍ଦାର ନେତୃତ୍ୱରେ ଚଢ଼ଉ କରାଯାଇ କାଠ ବୋଝେଇ ପିକଅପ୍ ଭ୍ୟାନ୍‌କୁ ଜବତ କରି ପାଟଣା ବନାଞ୍ଚଳ କାର୍ଯ୍ୟାଳୟକୁ ଅଣାଯିବା ସହ ଡ୍ରାଇଭରକୁ ଅଟକ ରଖିଥିବା ପାଟଣା ବନପାଳ ନିରଞ୍ଜନ ସେଠୀ କହିଛନ୍ତି। ଅଟକ ଡ୍ରାଇଭର ହେଲେ ମୟୂରଭଞ୍ଜ ଜିଲ୍ଲା




ଘୋଷଦା ଗ୍ରାମର ଜଗା ନାଏକ। ଚଢଉ ଦଳରେ ପାଟଣା ବନପାଳ ନିରଞ୍ଜନ ସେଠୀ, କେନ୍ଦେଇପଶି ବନରକ୍ଷୀ ରୂପଶ୍ରୀ ଖୁଣ୍ଟିଆ, ପାରା ସ୍କ୍ୱାଡ୍ ସାମିଲ ଥିଲେ। ଜବତ କାଠର ଆନୁମାନିକ ମୂଲ୍ୟ ଏକଲକ୍ଷ ଟଙ୍କା ହେବ ବୋଲି ବନ ବିଭାଗ ପକ୍ଷରୁ ସୂଚନା ମିଳିଛି।

## ନାବାଳିକା ଅନ୍ତଃସତ୍ତ୍ୱା ମାମଲାରେ ଯୁବକ ଗିରଫ



ହାଟଡିହୀ,୧୧।୬(ସମିସ): କେନ୍ଦୁଝର ଜିଲ୍ଲା ସୋସୋ ଥାନାଞ୍ଚଳର ଜଣେ ୧୭ବର୍ଷୀୟା ନାବାଳିକା ଗର୍ଭବତୀ ହେବା ଘଟଣାରେ ପୁଲିସ ଜଣେ ଯୁବକଙ୍କୁ ଗିରଫ କରିଛି। ଏନେଇ ସୋସୋ ଥାନାରେ କେସ୍ ନଂ-୧୨୦, ତା୯.୬.୨୦୨୬ରେ ଭାରତୀୟ ନ୍ୟାୟ ସଂହିତା ଧାରା ୬୪(୨) ଏମ୍ ଏବଂ ପୋକ୍‌ସୋ ଆଇନର ଧାରା ୬ ଅନୁଯାୟୀ ମାମଲା ରୁଜୁ ହୋଇଛି। ଅଭିଯୁକ୍ତ ଯୁବକ ହେଲା ମଧୁବନ ଗ୍ରାମର ମନୋଜ ମହାକୁଡ଼ (୨୦)। ସୂଚନା ଅନୁସାରେ, କଟକର ମଙ୍ଗଳାବାଗ ଥାନାରୁ ଏକ ଜିରୋ ଏଫଆଇଆର୍ ସୋସୋ ଥାନାକୁ ପ୍ରେରଣ କରାଯାଇଥିଲା। ଏଥିରେ ଉଲ୍ଲେଖ ଥିଲା ଯେ ସୋସୋ ଅଞ୍ଚଳର ଜଣେ ୧୭ବର୍ଷୀୟା ନାବାଳିକାଙ୍କୁ ତାଙ୍କ ଅଭିଯୁକ୍ତ ସ୍ୱାମୀ କଟକସ୍ଥିତ ଏସସିବି ମେଡ଼ିକାଲ କଲେଜ ଓ ହସ୍ପିଟାଲର ପ୍ରସୂତି ଓ ସ୍ତ୍ରୀରୋଗ ବିଭାଗରେ ମୋଲାର ପ୍ରେଗନାନ୍ସି ଚିକିତ୍ସା ପାଇଁ ଭର୍ତ୍ତି କରିଥିଲେ। ଏହି ରିପୋର୍ଟ ଆଧାରରେ ସୋସୋ ଥାନାରେ ଏକ ମାମଲା ରୁଜୁ ହୋଇଥିଲା। ତଦନ୍ତକାରୀ ଅଧିକାରୀ ଭାବେ ସୋସୋ ଥାନାଧିକାରୀ ଘଟଣାସ୍ଥଳ ପରିଦର୍ଶନ କରିବା ସହ ପୀଡ଼ିତା, ତାଙ୍କ ବାପାମାଆ ଓ ସମ୍ପୃକ୍ତ ଡାକ୍ତରଙ୍କ ବୟାନ ରେକର୍ଡ କରିଥିଲେ। ତଦନ୍ତ ପରେ ପୁଲିସ ଅଭିଯୁକ୍ତ ମନୋଜ ମହାକୁଡ଼ଙ୍କୁ ଅଦାଲତ ଚାଲାଣ କରିଥିବା ନେଇ ଆନନ୍ଦପୁର ଏସଡ଼ିପିଓ କମଳ ଲୋଚନ ପଣ୍ଡା ସୂଚନା ଦେଇଛନ୍ତି।

# ବିଦ୍ୟୁତ ବିଭାଗ ସ୍କ୍ୱାଡ୍ କର୍ମଚାରୀଙ୍କ ଆନ୍ଦୋଳନ

ହାଟଡିହୀ,୧୧।୬(ସମିସ)

ମୂଲ୍ୟକାଟ୍ ନେଇ ବିଦ୍ୟୁତ କମ୍ପାନୀରେ କାର୍ଯ୍ୟରତ ବିଦ୍ୟୁତ ବିଭାଗର ସ୍କ୍ୱାଡ୍ କର୍ମଚାରୀଙ୍କୁ ଛଟେଇ କରାଯାଇଥିବା ଅଭିଯୋଗ ହୋଇଛି। ହାଟଡ଼ିହୀ ବ୍ଲକ ଅନ୍ତର୍ଗତ ବିଦ୍ୟାଧରପୁର ଓ ଓରାଳିସ୍ଥିତ କାର୍ଯ୍ୟାଳୟରେ କାର୍ଯ୍ୟରତ କର୍ମଚାରୀଙ୍କ ଦରମାରୁ ମୂଲ୍ୟକାଟ୍ କରି ଗତମାସ ୩୧ ତାରିଖ କର୍ମଚାରୀ କାହ୍ନୁଚରଣ ମଲ୍ଲିକ, ଉତ୍ତମ କୁମାର ସ୍ୱାଇଁ, ପଞ୍ଚାନନ ମଲ୍ଲିକ, ରାଜୀବ ଲୋଚନ ଜେନା, ପୁରୁଷୋତ୍ତମ ଜେନା, ବିବେକାନନ୍ଦ ବେହେରା, ଦିନେଶ କୁମାର ପାତ୍ରଙ୍କୁ ଚାକିରିରୁ ଛଟେଇ କରାଯାଇଛି। ଏହାର ପ୍ରତିବାଦରେ ଜୁନ ୧ତାରିଖଠାରୁ ଆଠଜଣ କର୍ମଚାରୀ ପ୍ରତ୍ୟେକ କାର୍ଯ୍ୟାଳୟ ସମ୍ମୁଖରେ ଶାନ୍ତିପୂର୍ଣ୍ଣ ଧାରଣା ଦେଇଛନ୍ତି। ଚାକିରିରେ ପୁନଃନିଯୁକ୍ତି କରା ନଗଲେ ସେମାନଙ୍କ




### ଦରମାର ମୂଲ୍ୟକାଟ୍ କରି ଛଟେଇ ଅଭିଯୋଗ

ପରିବାରର ପିଲାଛୁଆ ଭୋକ ଉପାସରେ ନାହିଁ ନଥିବା ହଇରାଣ ହେବେ ବୋଲି ବଡ଼ ଦୁଃଖର ସହକାରେ କର୍ମଚାରୀମାନେ କହିଛନ୍ତି। ପ୍ରକାଶ ଥାଉକି, ଆନନ୍ଦପୁର ଉପଖଣ୍ଡରେ ୩୬ ଜଣ କର୍ମଚାରୀ କାର୍ଯ୍ୟ କରୁଥିଲା ବେଳେ ସମସ୍ତଙ୍କୁ କମ୍ପାନୀ ଛଟେଇ କରିଛି। କର୍ମଚାରୀ ଏବଂ ତାଙ୍କ ପରିବାରର ପରିସ୍ଥିତି ଦୟନୀୟ ହେବା ପୂର୍ବରୁ ସେମାନଙ୍କୁ ତୁରନ୍ତ ପୁନଃନିଯୁକ୍ତି ଦାବିନେଇ ସମସ୍ତ ସ୍କ୍ୱାଡ୍ କର୍ମଚାରୀ ଉପଜିଲ୍ଲାପାଳ ଏବଂ ଜିଲ୍ଲାପାଳଙ୍କ ନିକଟରେ ଗୁହାରି ଜଣାଇଛନ୍ତି।

# ଝାଡ଼େଶ୍ୱର ହାଇସ୍କୁଲରେ ଯୋଗଦେଲେ ଶୈବାଳିନୀ

ଆନନ୍ଦପୁର, ୧୧।୬(ସମିସ)

ଆନନ୍ଦପୁର ପୌରାଞ୍ଚଳର ଘଷିପୁରା ପିଏମଶ୍ରୀ ସରକାରୀ ଝାଡେଶ୍ୱର ଉଚ୍ଚ ବିଦ୍ୟାଳୟରେ ବହୁ ଦିନ ଧରି ପ୍ରଧାନଶିକ୍ଷକ ପଦ ଖୋଲା ପଡ଼ିଥିବା ବେଳେ ସରକାରଙ୍କ ତରଫରୁ ପଦୋନ୍ନତି ହେବାପରେ ଉକ୍ତ ସ୍ଥାନରେ ନୂତନ କରି ପ୍ରଧାନଶିକ୍ଷକ ଭାବରେ ଶୈବାଳିନି ମିଶ୍ର ଯୋଗଦାନ କରିଛନ୍ତି। ଏହି ଅବସରରେ ଅଭିଭାବକ ଶିକ୍ଷକଶିକ୍ଷୟିତ୍ରୀ, କର୍ମଚାରୀ, ଛାତ୍ରଛାତ୍ରୀ, ବିଦ୍ୟାଳୟ କମିଟି ସଦସ୍ୟଙ୍କ ମଧ୍ୟରେ ଆନନ୍ଦ ପ୍ରକାଶ ପାଇଛି। ବିଦ୍ୟାଳୟର କର୍ମଚାରୀ ସୁଶାନ୍ତ କୁମାର




ଜେନା, ନିରଞ୍ଜନ ମିଶ୍ର, ବାଣୀ ଆଦିତି ପରିଡ଼ା, ଲକ୍ଷ୍ମୀଧର ସାହୁ, ସଙ୍ଗୀତା ଜେନା, ଶୁଭେନ୍ଦୁ କୁମାର ପଟ୍ଟନାୟକ ଓ ଜ୍ୟୋତିର୍ମୟୀ ଦୀକ୍ଷିତ ପ୍ରମୁଖ ଶିକ୍ଷକ ଶିକ୍ଷୟିତ୍ରୀଗଣ ନବନିଯୁକ୍ତି ପ୍ରଧାନ ଶିକ୍ଷକଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ।

### ରଜପର୍ବ ପାଇଁ ଚଳଚଞ୍ଚଳ ପୁରପଲ୍ଲୀ

# ତୁରୁମୁଙ୍ଗା ଆମ୍ବ ତୋଟାରେ ଚାଲିଛି ଦୋଳି ପ୍ରସ୍ତୁତି

ତୁରୁମୁଙ୍ଗା, ୧୧।୬(ସମିସ)

ଓଡ଼ିଶାର ଗଣପର୍ବ ରଜକୁ ନେଇ ଏବେ ଉତ୍ସବମୁଖର ହୋଇଉଠିଛି ଗାଁଠାରୁ ସହର। ତିନି ଦିନ ଧରି ପାଳନ ହେବାକୁ ଥିବା ଏହି ପାରମ୍ପରିକ ପର୍ବ ପାଇଁ ବିଭିନ୍ନ ସ୍ଥାନରେ ପ୍ରସ୍ତୁତି ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ ଅନ୍ତର୍ଗତ ତୁରୁମୁଙ୍ଗା ନାଏକସାହିରେ ରଜ ପାଇଁ ଦୋଳି ତିଆରି କାର୍ଯ୍ୟ ଜୋରସୋରରେ ଚାଲିଛି। ଗାଁର ଆମ୍ବ ତୋଟା ଓ ବଡ଼ ବଡ଼ ଗଛ ତଳେ ଯୁବକ ଓ ମିସ୍ତ୍ରିମାନେ ପାରମ୍ପରିକ ଦୋଳି ନିର୍ମାଣରେ ବ୍ୟସ୍ତ ରହିଛନ୍ତି। ବାଉଁଶ, ଓ କାଠ ବ୍ୟବହାର କରି ସୁରକ୍ଷିତ ଏବଂ ଆକର୍ଷଣୀୟ ଦୋଳି ପ୍ରସ୍ତୁତ କରାଯାଉଛି। ରଜ ଦିନରେ ଯୁବତୀ ଓ ଶିଶୁମାନେ ଏହି ଦୋଳିରେ ଝୁଲି ପର୍ବର ଆନନ୍ଦର ସହ ପାଳନ କରିବେ।

ରଜ ପର୍ବ ଓଡ଼ିଆ ଜାତିର ସଂସ୍କୃତି, ପରମ୍ପରା ଓ ଲୋକଜୀବନ ସହ ଅଙ୍ଗାଙ୍ଗୀ ଭାବେ ଜଡିତ। ଦୋଳି ଝୁଲା, ରଜ ଗୀତ, ପୋଡ଼ପିଠା ଓ ବିଭିନ୍ନ ପାରମ୍ପରିକ ଖେଳ ମାଧ୍ୟମରେ ଏହି ପର୍ବ ପାଳନ କରାଯାଏ। ତେଣୁ ପର୍ବ ଆରମ୍ଭ ପୂର୍ବରୁ ହିଁ ଗ୍ରାମାଞ୍ଚଳରେ ଉତ୍ସବର ମାହୋଲ ସୃଷ୍ଟି ହୋଇଛି। ସ୍ଥାନୀୟ ବାସିନ୍ଦାଙ୍କ କହିବା



ଅନୁଯାୟୀ, ବଦଳୁଥିବା ସମୟ ସହିତ ରଜ ପାଳନର ଧାରାରେ ପରିବର୍ତ୍ତନ ଆସିଥିଲେ ମଧ୍ୟ ଦୋଳି ପ୍ରତି ଆକର୍ଷଣ କମିନାହିଁ। ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ୍ୟ ରଜକୁ ଧୁମଧାମରେ ପାଳନ କରିବା ପାଇଁ ଗ୍ରାମବାସୀ ଉତ୍ସାହର ସହ ଅପେକ୍ଷା କରିଛନ୍ତି।

ଜ୍ୟୋଷ୍ଠମାସରଶେଷତିନିଦିନଓଆଷାଢ଼ମାସର ପ୍ରଥମ ଦିନକୁ ନେଇ ପାଳିତ ହୋଇଥାଏ ରଜ ପର୍ବ। ପ୍ରଥମ ଦିନ ପହିଲି ରଜ, ଦ୍ୱିତୀୟ ଦିନ ରଜ ସଂକ୍ରାନ୍ତି, ତୃତୀୟ ଦିନ ଭୂମି ଦହନ ଏବଂ ଚତୁର୍ଥ ଦିନ ବସୁମତୀ ସ୍ନାନ ଭାବେ ପରିଚିତ। ଲୋକବିଶ୍ୱାସ ଅନୁଯାୟୀ, ଏହି ସମୟରେ ଧରିତ୍ରୀ ମାତା ଋତୁମତୀ ହୋଇଥାନ୍ତି। ତେଣୁ ଚାଷ କାର୍ଯ୍ୟ, ମାଟି ଖୋଳିବା ଭଳି କାମରୁ ବିରତ ରହାଯାଏ ଏବଂ ପ୍ରକୃତିକୁ ବିଶ୍ରାମ ଦିଆଯାଏ। କେନ୍ଦୁଝର ଜିଲ୍ଲାର ଗ୍ରାମାଞ୍ଚଳରେ ରଜ ପର୍ବକୁ ନେଇ ଏବେ ଉତ୍ସବର ପରିବେଶ ଦେଖିବାକୁ ମିଳିଛି। ପାଟଣା ବ୍ଲକ ତୁରୁମୁଙ୍ଗା ନାଏକସାହିରେ ରଜ ପାଇଁ ଚାଲିଛି ଜୋରଦାର ପ୍ରସ୍ତୁତି। ଗାଁର ଆମ୍ବ ତୋଟା ଓ ବଡ଼ ବଡ଼ ଗଛରେ ଦୋଳି ବାନ୍ଧିବାରେ ବ୍ୟସ୍ତ ରହିଛନ୍ତି ଯୁବକ ଓ କାରିଗରମାନେ। ପିଲାଠାରୁ ବୃଦ୍ଧ ପର୍ଯ୍ୟନ୍ତ ସମସ୍ତେ ରଜର ଆଗମନକୁ ସ୍ୱାଗତ କରିବାରେ ଲାଗିପଡ଼ିଛନ୍ତି। ରଜ ମାନେ କେବଳ ଦୋଳି ନୁହେଁ, ବରଂ ଏହା ହେଉଛି ଆନନ୍ଦ, ଉଲ୍ଲାସ ଓ ଭାଇଚାରାର ପର୍ବ। ନୂଆ ପୋଷାକ ପିନ୍ଧିବା, ଅଳତା ଲଗାଇବା, ପାନ ଖାଇବା, ରଜ ଗୀତ ଗାଇବା ଏବଂ ଦୋଳି ଝୁଲିବା ଭଳି ପରମ୍ପରା ଆଜି ମଧ୍ୟ ଗ୍ରାମାଞ୍ଚଳରେ ପରମ୍ପରା ରହିଛି। ବିଶେଷ କରି ଯୁବତୀମାନେ ନୂଆ ବସ୍ତ୍ର ପରିଧାନ କରି ଦୋଳି ଝୁଲିବା ସହ ରଜ ଗୀତ ଗାଇ ପର୍ବର ମଜା ନେଇଥାନ୍ତି।

ରଜ ପର୍ବର ଅନ୍ୟତମ ଆକର୍ଷଣ ହେଉଛି ପୋଡ଼ପିଠା। ଘରେ ଘରେ ପୋଡ଼ପିଠା, ଆରିସା, ଚକୁଳି, ମଣ୍ଡା ଓ ବିଭିନ୍ନ ପ୍ରକାର ପିଠା ପ୍ରସ୍ତୁତ ହୋଇଥାଏ। ପରିବାର ଓ ପଡ଼ୋଶୀଙ୍କ ସହ ଏହି ସୁସ୍ୱାଦୁ ଖାଦ୍ୟ ବାଣ୍ଟି ଖାଇବାର ପରମ୍ପରା ସାମାଜିକ ସମ୍ପର୍କକୁ ଅଧିକ ସୁଦୃଢ଼ କରିଥାଏ। ଗାଁର ଆମ୍ବ ତୋଟାରେ ଦୋଳି ଝୁଲା ଓ ରଜ ଗୀତର ମଧୁର ସ୍ୱର ଆଜି ମଧ୍ୟ ରଜର ପ୍ରକୃତ ପରିଚୟ ବହନ କରୁଛି।

# ରଜ ପ୍ରସ୍ତୁତିରେ ଉତ୍ସବମୁଖର ବଞ୍ଜୋ



ହାଟଡିହୀ,୧୧।୬(ସମିସ): ପବିତ୍ର ଗଣପର୍ବ ରଜପର୍ବକୁ ଧୁମଧାମରେ ପାଳନ କରିବା ପାଇଁ ବଞ୍ଜୋ ଗାଁରେ ଜୋରଦାର ପ୍ରସ୍ତୁତି ଚାଲିଛି। ବଞ୍ଜୋ ରଜ କମିଟି ପକ୍ଷରୁ ଚଳିତ ବର୍ଷ ତିନିଦିନିଆ ସାଂସ୍କୃତିକ, କ୍ରୀଡ଼ା ଓ ମନୋରଞ୍ଜନ ଧର୍ମୀ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିବାବେଳେ ଏହାକୁ ସଫଳ କରିବା ପାଇଁ ଗ୍ରାମବାସୀ ଏକତ୍ରିତ ହୋଇ କାର୍ଯ୍ୟରେ ଲାଗିପଡ଼ିଛନ୍ତି। ଗାଁର ବିଭିନ୍ନ ସ୍ଥାନରେ ସାଜସଜ୍ଜା, ଆଲୋକୀକରଣ ଓ ମଞ୍ଚ ନିର୍ମାଣ କାମ ଜୋରସୋରରେ ଚାଲିଛି। ଉତ୍ସବ ଅବସରରେ ଗ୍ରାମର ବିଶିଷ୍ଟ ବ୍ୟକ୍ତିବିଶେଷ ଓ ବିଭିନ୍ନ କ୍ଷେତ୍ରରେ କୃତୀ ପ୍ରତିଭାମାନଙ୍କୁ ସମ୍ବର୍ଦ୍ଧିତ କରାଯିବା ସହ ଗ୍ରାମର ଗୌରବ ବଢ଼ାଇଥିବା ବ୍ୟକ୍ତିଙ୍କୁ ସମ୍ମାନିତ କରାଯିବ। ରଜ ପର୍ବର ମୁଖ୍ୟ ଆକର୍ଷଣ ଭାବେ ଦୋଳି ଖେଳ, ନୃତ୍ୟ ପ୍ରତିଯୋଗିତା, ସଙ୍ଗୀତ କାର୍ଯ୍ୟକ୍ରମ, ପାରମ୍ପରିକ ଖେଳକୁଦ ଏବଂ ବିଭିନ୍ନ କ୍ରୀଡ଼ା ପ୍ରତିଯୋଗିତାର ବ୍ୟବସ୍ଥା କରାଯାଇଛି। ମହିଳା, ଯୁବକ ଓ ଶିଶୁମାନଙ୍କ ପାଇଁ ସ୍ୱତନ୍ତ୍ର ପ୍ରତିଯୋଗିତା ଆୟୋଜନ ହେବାକୁ ଥିବାବେଳେ ବିଜେତାମାନଙ୍କୁ ପୁରସ୍କୃତ କରାଯିବ। ରଜ କମିଟିର କର୍ମକର୍ତ୍ତାମାନେ କହିଛନ୍ତି ଯେ ଓଡ଼ିଆ ସଂସ୍କୃତି, ପରମ୍ପରା ଓ ଲୋକକଳାକୁ ନୂତନ ପିଢ଼ି ମଧ୍ୟରେ ପରିଚିତ କରାଇବା ସହ ଗ୍ରାମବାସୀଙ୍କ ମଧ୍ୟରେ ଭାଇଚାରା ଓ ସାମାଜିକ ସମ୍ପ୍ରୀତିକୁ ସୁଦୃଢ଼ କରିବା ଏହି ଉତ୍ସବର ମୂଳ ଲକ୍ଷ୍ୟ। ରଜପର୍ବକୁ ଆଉ ମାତ୍ର ୩ଦିନ ବାକି ଥିବାବେଳେ ସମଗ୍ର ବଞ୍ଜୋ ଗାଁ ଉତ୍ସବମୁଖର ପରିବେଶରେ ଝୁମି ଉଠିଛି। ବର୍ତ୍ତମାନ ଉତ୍ସବ ପାଇଁ ସମସ୍ତ ପ୍ରସ୍ତୁତି ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଥିବା ସୂଚନା ମିଳିଛି।

ସକାଳ THE SAKALA



www.sakalaepaper.com

### ଚମ୍ପୁଆ ଉପଖଣ୍ଡ ଚିକିତ୍ସାଳୟରେ ରୋଗୀସେବା ବାଧାପ୍ରାପ୍ତ

# ଘଣ୍ଟା ଘଣ୍ଟା ଅନ୍ଧାର; ଗରମରେ ସିଝିଲେ ଡାକ୍ତର ଓ ରୋଗୀ







ଚମ୍ପୁଆ, ୧୧।୬(ସମିସ):

## ଦାନ୍ତ ବିଭାଗ

କେନ୍ଦୁଝର ଜିଲ୍ଲାର ଚମ୍ପୁଆ ଉପଖଣ୍ଡ ଚିକିତ୍ସାଳୟର ଦାନ୍ତ ରୋଗ ବହିର୍ବିଭାଗରେ ବିଦ୍ୟୁତ ବ୍ୟବସ୍ଥା ଅଚଳ ହୋଇ ପଡ଼ିଥିବାରୁ ଘଣ୍ଟା ଘଣ୍ଟା ଧରି ଅନ୍ଧାର ପରିସ୍ଥିତି ସୃଷ୍ଟି ହୋଇଛି। ବିଭାଗର ଆଲୋକ ବ୍ୟବସ୍ଥା କାମ ନ କରିବାରୁ ପ୍ରବଳ ଗରମ ମଧ୍ୟରେ

## ଡାକ୍ତରଙ୍କ ଚେୟାର ଫାଙ୍କା, ରୋଗୀଙ୍କ ଲମ୍ବା ଅପେକ୍ଷା

ଡାକ୍ତର ଓ ଚିକିତ୍ସା ପାଇଁ ଆସୁଥିବା ଝାଡ଼ଖଣ୍ଡ, ମୟୂରଭଞ୍ଜ ରୋଗୀମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏପର୍ଯ୍ୟନ୍ତ ସମସ୍ୟାର ସ୍ଥାୟୀ ସମାଧାନ ହୋଇ ନଥିବାରୁ ଚିକିତ୍ସା ସେବା ପ୍ରଭାବିତ ହେଉଛି। ଦାନ୍ତ ଚିକିତ୍ସା ଭଳି ସମ୍ବେଦନଶୀଳ ବିଭାଗରେ ଆଲୋକ ଓ ଥଣ୍ଡା ପରିବେଶର ଅଭାବ ରୋଗୀଙ୍କ ସେବା ଉପରେ ପ୍ରଶ୍ନ ଉଠାଇଛି। ହସ୍ପିଟାଲର ବିଦ୍ୟୁତ କର୍ମଚାରୀ ବାବୁଲା ନାୟକଙ୍କୁ ଏନେଇ ପଚାରିବାରୁ ସେ କହିଥିଲେ ଯେ ଏହି ସମସ୍ୟା ସମ୍ପର୍କରେ ସେ ବାରମ୍ବାର ଉପରିସ୍ଥ ଅଧିକାରୀଙ୍କୁ ଜଣାଇ ଆସୁଛନ୍ତି। ଏପରିକି ଲିଖିତ ଭାବେ ମଧ୍ୟ ଅବଗତ କରାଯାଇଛି। କିନ୍ତୁ ଏପର୍ଯ୍ୟନ୍ତ ସମସ୍ୟାର ସ୍ଥାୟୀ ସମାଧାନ ହୋଇ ନଥିବାରୁ ଚିକିତ୍ସା ସେବା ପ୍ରଭାବିତ ହେଉଛି। ସ୍ଥାନୀୟ ଲୋକ ଓ ରୋଗୀଙ୍କ ମଧ୍ୟରେ ଚର୍ଚ୍ଚା ହେଉଛି ଯେ ହସ୍ପିଟାଲରେ ମୌଳିକ ସୁବିଧା ଯୋଗାଇବାରେ ଡାକ୍ତରଖାନା ପ୍ରଶାସନ ବିଫଳ। ଏ ସମ୍ପର୍କରେ ଚମ୍ପୁଆ ଉପଖଣ୍ଡ ଚିକିତ୍ସାଳୟ ଭାରପ୍ରାପ୍ତ ଚିକିତ୍ସାଧିକାରୀ ବି.କେ. ଦାସ ଫୋନ ରିସିଭ୍ କରି ନଥିବାରୁ ପ୍ରତିକ୍ରିୟା ମିଳିପାରି ନାହିଁ। ବୁଦ୍ଧିଜୀବୀମାନେ ଶୀଘ୍ର ବିଦ୍ୟୁତ ସମସ୍ୟାର ସମାଧାନ କରି ରୋଗୀ ସେବାକୁ ସୁନିଶ୍ଚିତ କରିବା ପାଇଁ ଦାବି କରିଛନ୍ତି।

## ମେଡିସିନ୍ ଓପିଡି

ଅନ୍ୟପକ୍ଷରେ, ଏହି ଉପଖଣ୍ଡ ଚିକିତ୍ସାଳୟର ମେଡିସିନ୍ ଓପିଡିରେ ଗୁରୁବାର ସକାଳେ ରୋଗୀ ସେବା ବ୍ୟବସ୍ଥାକୁ ନେଇ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ସକାଳ ୧୦.୫୦ ପର୍ଯ୍ୟନ୍ତ ଡାକ୍ତରଙ୍କ ଚେୟାର ଫାଙ୍କା ପଡ଼ିଥିବା ବେଳେ ଓପିଡି ସାମ୍ନାରେ ରୋଗୀଙ୍କ ଭିଡ଼ ଜମିଥିଲା। ଖବର ଅନୁଯାୟୀ, ସମ୍ପୃକ୍ତ ଡାକ୍ତର ରାଉଣ୍ଡରେ ଯାଇଥିବା କଥା କୁହାଯାଉଥିଲେ ମଧ୍ୟ ଦୀର୍ଘ ସମୟ ଧରି ବିଭାଗକୁ ଫେରି ନଥିଲେ। ଫଳରେ ଚିକିତ୍ସା ପାଇଁ ଦୂରରୁ ଆସିଥିବା ବୃଦ୍ଧ, ମହିଳା ଓ ଅସୁସ୍ଥ ରୋଗୀମାନେ ଲମ୍ବା ଧାଡ଼ିରେ ଠିଆ ହୋଇ ଅପେକ୍ଷା କରିବାକୁ ବାଧ ହୋଇଥିଲେ। ଗରମ ଓ ଗୁଳୁଗୁଳି ପରିବେଶ ମଧ୍ୟରେ ରୋଗୀଙ୍କ ଦୁର୍ଦ୍ଦଶା ବଢ଼ିଥିବା ଦେଖିବାକୁ ମିଳିଛି। ସରକାର ସ୍ୱାସ୍ଥ୍ୟସେବାର ଉନ୍ନତି ଓ ରୋଗୀଙ୍କୁ ତ୍ୱରିତ ଚିକିତ୍ସା ଯୋଗାଇବାକୁ ଗୁରୁତ୍ୱ ଦେଉଥିବା ବେଳେ ଚିକିତ୍ସାଳୟରେ ଏଭଳି ଅବ୍ୟବସ୍ଥା ସାଧାରଣ ଲୋକଙ୍କ ମଧ୍ୟରେ ପ୍ରଶ୍ନ ସୃଷ୍ଟି କରିଛି। ଡାକ୍ତରଙ୍କ ଅନୁପସ୍ଥିତି ଯୋଗୁଁ ରୋଗୀମାନେ ହଇରାଣ ହେଉଥିବାରୁ ଘଟଣାର ତଦନ୍ତ କରି ଦାୟୀଙ୍କ ବିରୋଧରେ ପଦକ୍ଷେପ ନେବାକୁ ସାଧାରଣରେ ଦାବି ଉଠିଛି।

# ପିସି କାରବାରକୁ ନେଇ ବିଜେପି ଗୋଷ୍ଠୀ ଧସ୍ତାଧସ୍ତି

ତୁରୁମୁଙ୍ଗା, ୧୧।୬(ସମିସ): କେନ୍ଦୁଝର ଜିଲ୍ଲା ସାହାରପଡା ବ୍ଲକ ଅଫିସରେ ଗୁରୁବାର ପିସି କାରବାରକୁ ନେଇ



ଉତ୍ତେଜନାପୂର୍ଣ୍ଣ ପରିସ୍ଥିତି ସୃଷ୍ଟି ହୋଇଛି। ବ୍ଲକର ବିଭିନ୍ନ ଉନ୍ନୟନ କାର୍ଯ୍ୟକୁ ନେଇ ୧୬% ପିସି କାରବାର ଅଭିଯୋଗକୁ ନେଇ ପାଟଣା ବିଧାୟକ ଅଖିଳଚନ୍ଦ୍ର ନାଏକଙ୍କ ପ୍ରତିନିଧି ନରେନ୍ଦ୍ର ମହାନ୍ତ ନେତୃତ୍ୱରେ ଏକ ଗୋଷ୍ଠୀ ସାହାରପଡା ବିଡ଼ିଓ ରଣଜିତ ମହାନ୍ତଙ୍କ ନିକଟରେ ଅଭିଯୋଗ କରିବାକୁ ଆସିଥିବା ବେଳେ, ଅନ୍ୟ ଏକ ଗୋଷ୍ଠୀ ଏହାକୁ ବିରୋଧ କରିଥିଲେ। ଏହାକୁ କେନ୍ଦ୍ର କରି ଉଭୟ ଗୋଷ୍ଠୀ ମଧ୍ୟରେ ପାଟି ତୁଣ୍ଡ ହେବା ପରେ ଠେଲାପେଲା ଓ ଧସ୍ତାଧସ୍ତି ଘଟିଥିଲା। ଅଭିଯୋଗ ଅନୁଯାୟୀ ବିଡ଼ିଓ ୨%, ଆସିଷ୍ଟାଣ୍ଟ ଇଞ୍ଜିନିୟର ୨%, ଜେଇ ୫%, ଚେୟାରମେନ ୨% ଓ ଅନ୍ୟ ସମସ୍ତଙ୍କ ମିଶାଇ ମୋଟ୍ ୧୬% ପିସି ନିଆଯାଉଥିବା ନେଇ ବିଧାୟକ ଗୋଷ୍ଠୀ ଅଭିଯୋଗ ଆଣିଛନ୍ତି। ଅନ୍ୟ ପକ୍ଷରେ ଉଦୟପୁର ମଣ୍ଡଳ ସଭାପତି ନରହରି ମହାନ୍ତ ପିସି କାରବାର ସେଭଳି କିଛି ହେଉନାହିଁ। ବ୍ଲକ ଠିକ୍ ଠାକ୍ ଚାଲିଛି। ବିଧାୟକ ଗୋଷ୍ଠୀ କାମ ଦେବା ପାଇଁ ଟଙ୍କା ଆଦାୟ କରି ଠିକାଦାରଙ୍କୁ କାମ ଦେଇ ପାରୁ ନଥିବାରୁ ମିଥ୍ୟା ଅଭିଯୋଗ ଆଣିଥିଲେ ଯାହାକୁ ନେଇ ଉଭୟ ଗୋଷ୍ଠୀଙ୍କ ମଧ୍ୟରେ ପାଟିତୁଣ୍ଡ ହେବା ସହ ବ୍ଲକ କାର୍ଯ୍ୟାଳୟରେ ଏଭଳି ପରିସ୍ଥିତି ଉପୁଜିଥିବା କହିଛନ୍ତି। ଘଟଣାକୁ ନେଇ ବ୍ଲକ ଅଫିସ ପରିସରରେ କିଛି ସମୟ ପାଇଁ ଅଶାନ୍ତି ଦେଖାଦେଇଥିଲା। ସାହାରପଡା ବିଡ଼ିଓ ରଣଜିତ ମହାନ୍ତ ବ୍ଲକ କାର୍ଯ୍ୟାଳୟରେ ନଥିବା ବେଳେ ଏକ ପରୀକ୍ଷା ଡ୍ୟୁଟିରେ ଯାଇଥିବା ଜଣାପଡ଼ିଛି। ସେ କୌଣସି ପିସି ନିଆ ଯାଉ ନଥିବା କହିଛନ୍ତି। ମିଥ୍ୟା ଅଭିଯୋଗ ଆଣି ବ୍ଲକ ଏବଂ ବ୍ଲକ କର୍ମଚାରୀଙ୍କୁ ବଦନାମ କାରାଯାଉଥିବା କହିଛନ୍ତି। ଦୁଇଗୋଷ୍ଠୀ ମଧ୍ୟରେ ବିବାଦକୁ ନେଇ ବ୍ଲକର ଉନ୍ନୟନ କାର୍ଯ୍ୟ ମନ୍ଥର ଗତିରେ ଚାଲିଛି। ଏଥିପ୍ରତି ଜିଲ୍ଲାପାଳ ହସ୍ତକ୍ଷେପ କରି ବ୍ଲକର ଉନ୍ନୟନ କାର୍ଯ୍ୟକୁ ତ୍ୱରାନ୍ୱିତ କରିବାକୁ ଦାବି ହୋଇଛି।

# ଜଳିଗଲା ବ ରା ଘର ଓ ସାମଗ୍ରୀ

ତୁରୁମୁଙ୍ଗା, ୧୧।୬(ସମିସ): କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ ଚାକୁଣ୍ଡାପାଳ ପଞ୍ଚାୟତ ଶ୍ୟାମସୁନ୍ଦରପୁର ଗ୍ରାମରେ ବୁଧବାର ରାତି ନିଆଁ ଲାଗି ଦେବାନନ୍ଦ ମହାନ୍ତଙ୍କ ୩ ବଖରା



ଆଜବେଷ୍ଟସ୍ ଓ ଟାଇଲ ଘର ଜଳି ପୋଡି ନଷ୍ଟ ହୋଇଯାଇଛି। ଏଥିସହ ଆସବାବପତ୍ର, ଧାନ ଓ ଚାଉଳ ସମ୍ପୂର୍ଣ୍ଣ ଜଳିପଡି ନଷ୍ଟ ହୋଇଯାଇଛି। ବିଳମ୍ବିତ ରାତିରେ ପରିବାର ଲୋକେ ଅନ୍ୟ ଘରେ ଶୋଇଥିବାରୁ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ଖବର ପାଇ ପାଟଣା ଅଗ୍ନିଶମ ବାହିନୀ ନିଆଁ କୁ ଆୟତ୍ତ କରିଥିଲେ। ନିଆଁ ଲାଗିବା କାରଣ ଅସ୍ପଷ୍ଟ ରହିଥିବା ବେଳେ ଚୁଲି ନିଆଁରୁ ନିଆଁ ବ୍ୟାପିଥିବା ସନ୍ଦେହ କରାଯାଉଛି। ଦେବାନନ୍ଦ ଜଣେ ଗରିବ ଶ୍ରେଣୀର ଲୋକ ହୋଇଥିବାରୁ ତୁରନ୍ତ ସରକାରୀ ସହାୟତା ଯୋଗାଇ ଦେବାକୁ ଦାବି ହୋଇଛି।

### ● ଭତ୍ତା ପାଇଁ ସରପଞ୍ଚ ମହାସଂଘର ଜିଲ୍ଲାପାଳଙ୍କୁ ଫେରାଦ

# ରଜ ସଂକ୍ରାନ୍ତି ପୂର୍ବରୁ ଭତ୍ତା ନ ଦେଲେ ଆନ୍ଦୋଳନ ଚେତାବନୀ



ବାରିପଦା,୧୧।୬(ସମିସ): ମୟୂରଭଞ୍ଜ ଜିଲ୍ଲା ସରପଞ୍ଚ ମହାସଂଘ ନିଜ ପଞ୍ଚାୟତର ବୃଦ୍ଧବୃଦ୍ଧା, ବିଧବା ଓ ଦିବ୍ୟାଙ୍ଗ ଭତ୍ତା ହିତାଧିକାରୀଙ୍କ ପାଇଁ ଗୁରୁବାର ଜିଲ୍ଲାପାଳଙ୍କ ନିକଟରେ ଫେରାଦ ହୋଇଛନ୍ତି। ଭତ୍ତା ହିତାଧିକାରୀ ଗତ ତିନିମାସ ଧରି ଅତ୍ୟନ୍ତ କଷ୍ଟର ସମ୍ମୁଖୀନ ହେଉଛନ୍ତି। ଏପ୍ରିଲରୁ ଜୁନ ମାସ ପର୍ଯ୍ୟନ୍ତ ଭତ୍ତା ଟଙ୍କା ବ୍ୟାଙ୍କ ଖାତାରେ ଜମା ନ ହେବାରୁ ଅନେକ ହିତାଧିକାରୀ ଔଷଧ ଓ ଆବଶ୍ୟକ ଜିନିଷ କିଣିପାରୁନାହାନ୍ତି। ଫଳରେ କେତେକ ହିତାଧିକାରୀ ମୃତ୍ୟୁବରଣ କରିସାରିଥିବା ଅଭିଯୋଗ କରିଛନ୍ତି। ଆଇଜିଏନଓପି, ଆଇଜିଏନଡିପି ଓ ଆଇଜିଏନଡିପି ଆଦି ଯୋଜନା ଅନ୍ତର୍ଗତ ଭତ୍ତା ଏପର୍ଯ୍ୟନ୍ତ ଜମା ହୋଇନାହିଁ। ଏଥିଯୋଗୁଁ ହିତାଧିକାରୀ ଦୁର୍ଦ୍ଦିନରେ ଦିନ କାଟୁଛନ୍ତି। ସଂଘର ସଭାପତି ଖଗେଶ୍ୱର ସିଂ ଓ ସମ୍ପାଦକ ଲକ୍ଷେଶ୍ୱର ନାଏକ କହିଛନ୍ତି, ଓଡ଼ିଶାର ବଡ଼ ପର୍ବ ରଜ ସଂକ୍ରାନ୍ତି ପୂର୍ବରୁ ସମସ୍ତ ହିତାଧିକାରୀଙ୍କ ବ୍ୟାଙ୍କ ଖାତାରେ ଭତ୍ତା ଟଙ୍କା ଜମା ନ କଲେ ମହାସଂଘ ଆଗାମୀ ଦିନରେ ଉଚିତ ପଦକ୍ଷେପ ନେବାକୁ ବାଧ ହେବା ସହ ଆନ୍ଦୋଳନ କରିବାକୁ ଚେତାବନୀ ଦେଇଛନ୍ତି। ଏହି ଦାବିପତ୍ର ଜିଲ୍ଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ପ୍ରଦାନ କରାଯାଇଛି।

# ଆଦିପୁରରେ ଫସଲ ନଷ୍ଟକଲେ ହାତୀପଲ

ଖୁଣ୍ଟିଂ, ୧୧।୬(ସମିସ): ଶୁକ୍ଳି ବ୍ଲକ୍ ଅନ୍ତର୍ଗତ ଆଦିପୁର ମୌଜାରେ ଦିନକୁ ଦିନ ବଢ଼ିଚାଲିଛି ହାତୀଙ୍କ ଉପଦ୍ରବ। ପୂର୍ବବର୍ଷ ଭଳି ସନ୍ନିକଟ ବୈତରଣୀ ନଦୀ କୂଳରେ ସ୍ଥାପିତ ଉଠାଜଳସେଚନ ପ୍ରକଳ୍ପ ସହାୟତାରେ ଏହି ମୌଜାର ଚାଷୀ ଖରାଟିଆ ଧାନ ଚାଷ କରିଛନ୍ତି। ଗତକାଲି ବିଳମ୍ବିତ ରାତିରେ ୪ଟିକିଆ ଗୋଠଛଡା ହାତୀ ବୈତରଣୀ ନଦୀ ଅତିକ୍ରମ କରି ଏହି ଗ୍ରାମର ଜଗଦୀଶ ନାଏକ ଓ ଜ୍ୟୋତ୍ସ୍ନା ନାଏକ ପ୍ରମୁଖ ଚାଷୀଙ୍କ ବିଲରେ ପଶି ୬୦ରୁ ଊର୍ଦ୍ଧ୍ୱ ପାଚିଲା ଧାନ ବିଡ଼ା ଖାଇବା ସହିତ ଦଳି ଚକଟି ନଷ୍ଟ କରିଛନ୍ତି। ଗତକାଲି ପ୍ରତିକୂଳ ପାଗ ଯୋଗୁଁ କଟା ହୋଇଥିବା ଧାନ ବିଡ଼ାକୁ ଟ୍ରାକ୍ଟର ଯୋଗେ କ୍ଷେତରୁ ଘରକୁ ଆଣିବା ସମ୍ଭବ ନ ହେବାରୁ ବିଲରେ ରଖିଥଲେ। ବିପିଏଲ ଶ୍ରେଣୀଭୁକ୍ତ ଏହି ଚାଷୀମାନେ ସ୍ଥାନୀୟ ଲ୍ୟାମ୍ପସରୁ ଋଣ କରି ଚାଷ କାମରେ ଲଗାଇଥିବାରୁ ଏହି କ୍ଷୟକ୍ଷତି ଯୋଗୁଁ ମୁଣ୍ଡରେ ହାତଦେଇ ବସିଛନ୍ତି। ତେଣୁ ଗରୀବ ଚାଷୀଙ୍କ କ୍ଷୟକ୍ଷତିକୁ ଆକଳନ କରି ସରକାର ତୁରନ୍ତ ସହାୟତା ରାଶି ଯୋଗାଇ ଦେବା ସହିତ ବନ ବିଭାଗ ଏତାଦୃଶ ସମସ୍ୟା ପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ଚାଷୀ ଦାବି କରିଛନ୍ତି।

# ଆଦିବାସୀଙ୍କୁ ଚାକିରି ପ୍ରଲୋଭନ ଦେଇ ଶୋଷଣ; ଦୁଇ ଅଭିଯୁକ୍ତ ଗିରଫ

ଆନନ୍ଦପୁର, ୧୧।୬ (ସମିସ): ଆନନ୍ଦପୁର ଅଞ୍ଚଳର ନିରୀହ ଆଦିବାସୀ ଯୁବକ ଯୁବତୀ ଏବଂ ବାଳକ ଓ ବାଳିକାଙ୍କୁ ବହୁ ଅଧିକ ଦରମା ପ୍ରଲୋଭନ ଦେଖାଇ ତାମିଲନାଡୁକୁ ନେଇ ଦାଦନ ଶ୍ରମିକ ଭାବେ ଖଟାଇବା ଏବଂ ମିଳୁଥିବା ପ୍ରାପ୍ୟର ତସକରୀ କରିବା ଅଭିଯୋଗରେ ଆନନ୍ଦପୁର ପୁଲିସ ଦୁଇଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି। ଓଡ଼ିଶା ଭିଏଚଆରସି ରାଜ୍ୟ ସଂଯୋଜକ ହେବଳ ନାୟକଙ୍କ



ଅଭିଯୋଗ ଆଧାରରେ, ଏହି ମାମଲା ରୁଜୁ ହୋଇଥିଲା। ଆନନ୍ଦପୁର ପୁଲିସ ଏସଡିପିଓ କମଳ କୁମାର ପଣ୍ଡାଙ୍କ ତତ୍ତ୍ୱାବଧାନରେ ଇନସ୍ପେକ୍ଟର ଫନୀନ୍ଦ୍ର କୁମାର ନାୟକ ଅଭିଯୁକ୍ତ ଭଦ୍ରକର ଅକ୍ଷୟ ଦାସ (୪୮) ଓ ଆନନ୍ଦପୁର ଥାନା ଅନ୍ତର୍ଗତ ବିରିଡିହା ଗ୍ରାମର ସୀତାରାମ ଜେନା (୨୪) ଙ୍କୁ ଫୁଲବାଣୀରୁ ଗିରଫ କରିଥିବା ଜଣାଯାଇଛି। ଆନନ୍ଦପୁର ଅଞ୍ଚଳର ଅନେକ ଆଦିବାସୀ ଯୁବକ ଯୁବତୀ ଏବଂ ଦୁଇ ଜଣ ନାବାଳକଙ୍କୁ ମାସିକ ୩୦ ହଜାର ଟଙ୍କା ବେତନର ପ୍ରତିଶ୍ରୁତି ଦେଇ ତାମିଲନାଡୁକୁ ନେଇଥିଲେ। ସେଠାରେ ସେମାନଙ୍କୁ ସୁସ୍ଥ ପରିବେଶ କିମ୍ବା ଉପଯୁକ୍ତ ସୁବିଧା ମିଳି ନଥିଲା। ପ୍ରତିଶ୍ରୁତି ମୁତାବକ ବେତନ ପରିବର୍ତ୍ତେ ମାତ୍ର ୩ ହଜାରରୁ ୫ ହଜାର ଟଙ୍କା ପ୍ରଦାନ କରାଯାଇଥିବା ବେଳେ ସେମାନଙ୍କୁ ମାନସିକ ଓ ଶାରୀରିକ ଭାବେ ହଇରାଣ, ବନ୍ଦୀ ଏବଂ ଧମକ ଦିଆଯାଉଥିବା ଅଭିଯୋଗ ହୋଇଥିଲା। ଏନେଇ ରାଇପାଳ ଗ୍ରାମର ଆଦିବାସୀ ଯୁବତୀ କୁନି ହୋ'ଙ୍କୁ ତାଙ୍କ ଅଜାଣତରେ ବେଆଇନ ଗଞ୍ଜେଇ କାରବାରରେ ସମ୍ପୃକ୍ତ କରାଯାଇଥିବା ଫଳରେ ସେ ନୟାଗଡ଼ ଜେଲରେ ରହିଥିବା ମଧ୍ୟ ଅଭିଯୋଗରେ ଉଲ୍ଲେଖ ରହିଛି। ଆନନ୍ଦପୁର ପୁଲିସ ଗୁରୁବାର ଉଭୟ ଅଭିଯୁକ୍ତଦ୍ୱୟଙ୍କୁ କୋର୍ଟ ଚାଲାଣ କରିଛି।

### ଆଦିବାସୀ ଇଲାକାରେ ଜଳକଷ୍ଟ

# ଚୁଆ ପାଣିରେ ମେଣ୍ଟୁଛି ଶୋଷ





ଆନନ୍ଦପୁର, ୧୧।୬(ସମିସ): କେନ୍ଦୁଝର ଜିଲ୍ଲା ଆନନ୍ଦପୁର ବ୍ଲକର ଆଦିବାସୀ ଇଲାକାରେ ଜଳ ସଙ୍କଟ ଦେଖାଦେଇଛି। ତାପମାତ୍ରା ଦିନକୁ ଦିନ ବଢୁଥିବା ବେଳେ ଜଳ କଷ୍ଟ ଅସହ୍ୟ ହୋଇପଡିଛି। ମରାମତି ଓ ରକ୍ଷଣାବେକ୍ଷଣ ଅଭାବରୁ ଗ୍ରାମାଞ୍ଚଳରେ ଥିବା ନଳକୂପ ପାଣିର ଅଭାବ ମେଣ୍ଟାଇ ପାରୁନାହିଁ। ବିଭାଗୀୟ କର୍ତ୍ତୃପକ୍ଷଙ୍କଠାରେ ଅଭିଯୋଗ କଲେବି ସମସ୍ୟାର ସମାଧାନ ହୋଇପାରିନାହିଁ। ବାଧ ହୋଇ ଦୂରଦୁରାନ୍ତରୁ ପାଣି ସଂଗ୍ରହ କରୁଛନ୍ତି ମହିଳା। କେତେକ ସ୍ଥାନରେ ମହିଳାମାନେ ଚୁଆ ଖୋଳିପାଣି ଆଣୁଥିବା ବେଳେ ପୁଣି କେଉଁଠି ନଳକୂପ ନିକଟରେ ଲମ୍ବାଧାଡି ଦୀର୍ଘସମୟ ଅପେକ୍ଷା କରି ବିରକ୍ତି ହୋଇ ଫେରୁଛନ୍ତି। ଘର ପାଇଁ ମହିଳାମାନେ ଲୋକ ପ୍ରତିନିଧିଠୁ ଆରମ୍ଭ କରି ବ୍ଲକ କର୍ତ୍ତୃପକ୍ଷଙ୍କ ପର୍ଯ୍ୟନ୍ତ ଗୁହାରି କରି ନିରାଶ ହେଉଥିବା ଅଭିଯୋଗ ହୋଇଛି। ପିଇବା ପାଣି ପାଇଁ ଯେତେ ଗୁହାରି କଲେ ବି କେହି ଶୁଣୁ ନଥିବା ଅଭିଯୋଗ କରିଛନ୍ତି ଗ୍ରାମବାସୀ। ଆଦିବାସୀ ଇଲାକାର ଗୟଳମୁଣ୍ଡା ପଣସଡିହା ମନୋହରପୁର କାଠକଟା ପଞ୍ଚାୟତ ସମେତ ଭୋଗପୁର ଜୋରାଗଡ଼ିଆ ହାଟସାହି ବାଟସାହି ରାଇପାଳ ବାଲିପଶୀ ସାହିରେ ଜଳ ସଙ୍କଟର ଏପରି ବିକଳ ଚିତ୍ର ଦେଖାଯାଇଛି। ଏଣୁ ଉପଖଣ୍ଡ ପ୍ରଶାସନ ପକ୍ଷରୁ ଏ ଦିଗରେ ଉଚିତ ପଦକ୍ଷେପ ନେବାକୁ ଦାବି ହୋଇଛି।

# ଗୋପବନ୍ଧୁନଗର ପଞ୍ଚାୟତସମିତି ବୈଠକ




କୁଆମରା,୧୧।୬(ସମିସ): ଗୋପବନ୍ଧୁନଗର ବ୍ଲକ ନୂତନ ସଭା ଗୃହରେ ୧୧ତମ ସାଧାରଣ ପଞ୍ଚାୟତ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଅଧ୍ୟକ୍ଷା ଝୁଲଣ ବାରସାଳିଆଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ବିଡିଓ ପୃଥ୍ୱିରାଜ ପରିଡା, ବ୍ଲକ ଉପାଧ୍ୟକ୍ଷା ରଶ୍ମିତା ଚୌଧୁରୀ, ୧୪ ଓ ୧୫ ନମ୍ବର ଜୋନ୍ ଜିଲ୍ଲା ପରିଷଦ ସଭ୍ୟା ଉର୍ମିଳା ଲେଙ୍କା ଓ ଉର୍ମିଳା ସେଠୀ, ସହକାରୀ ଯନ୍ତ୍ରୀ ଅଭିଷେକ କାପୁଡିଆ ପ୍ରମୁଖ ଯୋଗ ଦେଇଥିବାବେଳେ ସମସ୍ତ ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟ ସଭ୍ୟା ଓ ବିଭିନ୍ନ ବିଭାଗର ଅଧିକାରୀ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ବ୍ଲକ ସମାଜିକ ସୁରକ୍ଷା ଅଧିକାରୀ ଦେବାଶିଷ ବେହେରା ପୂର୍ବ ବୈଠକର ବିବରଣୀ ପାଠ କରିଥିଲେ। ସରକାରଙ୍କ ଦୁଇବର୍ଷ ପୂର୍ତ୍ତି ଅବସରରେ ଆଗାମୀ ଦିନରେ ପଞ୍ଚାୟତ ଓ ବ୍ଲକ ସ୍ତରରେ ଯୋଜନା ସମ୍ପର୍କରେ ବିଡିଓ ଶ୍ରୀ ପରିଡ଼ା ସୂଚନା ଦେଇଥିଲେ। ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଖୁଣ୍ଟା ଡାକ୍ତରଖାନା ପରିସରରେ ପାଣି ଜମୁଥିବାରୁ ଜଳ ନିଷ୍କାସନ ପାଇଁ ଡ୍ରେନେଜ ବ୍ୟବସ୍ଥା କରିବାକୁ ଦାବି କରାଯାଇଛି। ସେହିଭଳି ଶବ ବ୍ୟବଚ୍ଛେଦ ଗୃହକୁ ସମ୍ପୂର୍ଣ୍ଣ କରିବା ନେଇ ଆଲୋଚନା ହୋଇଥିଲା। ଡାକ୍ତରଖାନାରେ ଓଲଟ୍ରା ସାଉଣ୍ଡ ଓ ଏକ୍ସରେ ମେସିନ ସରକାର ଯୋଗାଇ ଦେବାକୁ ଜନପ୍ରତିନିଧି ଦାବି ଉଠାଇଥିଲେ। ଶିକ୍ଷା ବିଭାଗ ପକ୍ଷରୁ ଚଳିତ ବର୍ଷ ଛାତ୍ରଛାତ୍ରୀଙ୍କୁ ଶୀଘ୍ର ନୂତନ ପାଠ୍ୟପୁସ୍ତକ ସହ ପୋଷାକ ଯୋଗାଇ ଦିଆଯିବ ବୋଲି ଏବିଇଓ କୁଳମଣି ନାଏକ ସୂଚନା ଦେଇଥିଲେ।

ସେହିପରି ଗୋଦାବରୀଶ ମିଶ୍ର ଆଦର୍ଶ ବିଦ୍ୟାଳୟ ଓ ଏକଲବ୍ୟ ସ୍କୁଲ ଖୋଲାଯିବା ନେଇ ଅବଗତ କରାଇଥିଲେ। ୧୮ ତାରିଖ ବିଦ୍ୟାଳୟ ଖୋଲିବା ପୂର୍ବରୁ ବିଦ୍ୟାଳୟ ପରିସର ପରିଷ୍କାର ଓ ପରିଚ୍ଛନ୍ନ କରିବାକୁ ସଂପୃକ୍ତ ବିଦ୍ୟାଳୟର ପ୍ରଧାନଶିକ୍ଷକଙ୍କୁ ସୂଚନା ଦିଆଯାଇଛି। ଶୀଳଘାଟି ଉଚ୍ଚପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକ ଅଭାବ ନେଇ ଆଲୋଚନା ହେବା ସହ ଖୁବ୍ ଶୀଘ୍ର ଏହାର ସମାଧାନ ହେବ ବୋଲି ଶ୍ରୀ ନାଏକ କହିଥିଲେ। ମେଗା ଜଳପ୍ରକଳ୍ପ ପକ୍ଷରୁ ଶୁଦ୍ଧ ପାନୀୟ ଜଳ ଯୋଗାଣ କିଛି ଗ୍ରାମକୁ ଯୋଗାଇ ଦିଆଯାଇଥିବାବେଳେ ଅବଶିଷ୍ଟ ଗ୍ରାମକୁ ଶୀଘ୍ର ଯୋଗାଇ ଦିଆଯିବ ବୋଲି ଜଳ ପରିମଳ ବିଭାଗ ପକ୍ଷରୁ କୁହାଯାଇଛି। ସେହିପରି ବ୍ଲକ୍‌ରେ ବାଲ୍ୟବିବାହ ବଢିବା ନେଇ ଉଦବେଗ ପ୍ରକାଶ ପାଇଥିଲା। ଏହାକୁ ରୋକିବା ପାଇଁ ଜନପ୍ରତିନିଧିଙ୍କୁ ସହଯୋଗ କରିବାକୁ ଅନୁରୋଧ କରିଛି ବିଭାଗ। ବାଲିଗଡିଆ ଅଙ୍ଗନବାଡି ଗୃହ ଛାତରୁ ପାଣି ଝରୁଥିବା ନେଇ ଅଭିଯୋଗ ହୋଇଥିଲା। ବିଦ୍ୟୁତ ବିଭାଗ ପକ୍ଷରୁ ସରକାରଙ୍କ ସୋଲାର ଯୋଜନା ସମ୍ପର୍କରେ ଅବଗତ କରାଇଥିଲେ ବିଭାଗୀୟ କନିଷ୍ଠ ଯନ୍ତ୍ରୀ। ତେବେ ବିଦ୍ୟୁତ କାଟକୁ ନେଇ ଜନପ୍ରତିନିଧି ଅସନ୍ତୋଷ ପ୍ରକାଶ କରିଥିଲେ।

# ସାପ କାମୁଡ଼ାରେ ମହିଳା ମୃତ

ଶୁଳିଆପଦା,୧୧।୬(ସମିସ): ସାପ କାମୁଡ଼ାରେ ମହିଳାଙ୍କ ମୃତ୍ୟୁ ଘଟିଛି। ଘରେ କାମ କରୁଥିବାବେଳେ ବିଷଧର ସାପ କାମୁଡ଼ି ଥିଲା। ମୃତ ମହିଳା ମୟୂରଭଞ୍ଜ ଜିଲ୍ଲା ଫାନିଆ ପଞ୍ଚାୟତ ଚକଚାକିଆ ଗ୍ରାମର ସାରଦା ଭଞ୍ଜ। ସ୍ୱାମୀ ଲକ୍ଷ୍ମୀଧର ଭଞ୍ଜ କହିବା ଅନୁଯାୟୀ, ସାରଦା ଆଜି ସକାଳେ ଘରେ କାମ କରୁଥିବା ସମୟରେ ହଠାତ୍ ଏକ ବିଷଧର ସାପ ତାଙ୍କୁ କାମୁଡ଼ି ଦେଇଥିଲା। ଘଟଣା ପରେ ପରିବାର ଲୋକେ ତୁରନ୍ତ ତାଙ୍କୁ କୋଷ୍ଠା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଛନ୍ତି। ଡାକ୍ତରଖାନା ନେବା ପୂର୍ବରୁ ହିଁ ବିଷ ସାରା ଶରୀରେ ବ୍ୟାପି ଯାଇଥିବା ପ୍ରାଥମିକ ଭାବେ ଜଣାପଡ଼ିଛି। ଗ୍ରାମବାସୀ କହିଛନ୍ତି, ବର୍ଷା ଋତୁରେ ଗାଁ ଅଞ୍ଚଳରେ ସାପ ଉପଦ୍ରବ ବଢ଼ିଯାଉଛି। ସରକାର ଗ୍ରାମାଞ୍ଚଳରେ ସ୍ୱାସ୍ଥ୍ୟ ସୁବିଧା ଓ ସାପ କାମୁଡ଼ା ପାଇଁ ଔଷଧ ବ୍ୟବସ୍ଥା ଆହୁରି ସୁଦୃଢ଼ କରିବା ଆବଶ୍ୟକ ବୋଲି ମତ ପ୍ରକାଶ ପାଇଛି।

### ● ୧୦୮ ଆମ୍ବୁଲାନ୍ସରେ ଏସି ଅଚଳ

# ଅସହ୍ୟ ଗରମରେ ଧନ୍ଦି ହେଉଛନ୍ତି ଗୁରୁତର ରୋଗୀ

ରାଇରଙ୍ଗପୁର,୧୧।୬(ସମିସ): ବିଜେପି ସରକାରରେ ସ୍ୱାସ୍ଥ୍ୟ ସେବା ଦିନକୁ ଦିନ ବିପର୍ଯ୍ୟସ୍ତ ହେବାରେ ଲାଗିଛି। ହସ୍‌ପିଟାଲରେ ରୋଗୀ ଉନ୍ନତ ସ୍ୱାସ୍ଥ୍ୟ ସେବା ପାଉନାହିଁ।



ରୋଗୀଙ୍କୁ ମାଗଣାରେ ସେବା ଯୋଗାଇବାକୁ ୧୦୮ ଆମ୍ବୁଲାନ୍ସ ସେବା ଆରମ୍ଭ ହୋଇଥିଲା। ତାହା ମଧ୍ୟ ଦିନକୁ ଦିନ ଖରାପ ସେବା ଯୋଗାଉଛନ୍ତି। ଫଳରେ ରୋଗୀ ଅନେକ ସମସ୍ୟାର ସମ୍ମୁଖୀନ ହେଉଛି। ଆମ୍ବୁଲାନ୍ସରେ ଏସି ଅଚଳ ଥିବାରୁ ୪୦ରୁ ୪୫ ଡିଗ୍ରୀର ପ୍ରଚଣ୍ଡ ରୌଦ୍ରତାପରେ ସିଝୁଛନ୍ତି। ଯାହାକି ରାଇରଙ୍ଗପୁର ଉପଖଣ୍ଡ ହସ୍ପିଟାଲରେ ଦେଖିବାକୁ ମିଳିଛି। ଆମ୍ବୁଲାନ୍ସ ଭିତରେ ଏସି ଓ ଫ୍ୟାନ୍ ସମ୍ପୂର୍ଣ୍ଣ ଅଚଳ ହୋଇପଡିଛି। ଗୁରୁତର ରୋଗୀ ବନ୍ଦ ଆମ୍ବୁଲାନ୍ସ ଭିତରେ ଉତ୍ତପ୍ତ ଚୁଲି ଭଳି ପରିବେଶରେ ଯାତ୍ରା କରିବାକୁ ବାଧ ହେଉଛନ୍ତି। ସିକିଲସେଲ୍ ଓ କିଡନୀ ରୋଗରେ ପୀଡ଼ିତା ଜଣେ ଗୁରୁତର ଝିଅକୁ ରାଇରଙ୍ଗପୁର ଉପଖଣ୍ଡ ଚିକିତ୍ସାଳୟରୁ ବାରିପଦାସ୍ଥ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ଉକ୍ତ ୧୦୮ ଆମ୍ବୁଲାନ୍ସର ଏସି କାମ କରୁ ନ ଥିଲା। ଗରମ ସହି ନ ପାରି ଶେଷରେ ଜୀବନ ବିକଳରେ ରୋଗୀ ଜଣକ ଝରକା ପାଖରେ ବସିବାକୁ ବାଧ ହୋଇଥିଲେ। ଆମ୍ବୁଲାନ୍ସ ରକ୍ଷଣାବେକ୍ଷଣ ଅଭାବରୁ ଖରାପ ହେବାରେ ଲାଗିଛି। ମରାମତି ନେଇ ସରକାରୀ ସ୍ତରରେ ପଦକ୍ଷେପ ମଧ୍ୟ ଗ୍ରହଣ କରାଯାଉନାହିଁ। ଏ ନେଇ ସ୍ଥାନୀୟ ସଚେତନ ନାଗରିକ ଜିଲ୍ଲା ପ୍ରଶାସନଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଜିଲ୍ଲାର ସମସ୍ତ ଆମ୍ବୁଲାନ୍ସର ଏସି ତୁରନ୍ତ ଯାଞ୍ଚ ଓ ମରାମତି କରିବା, ଦାୟିତ୍ୱହୀନ ଆମ୍ବୁଲାନ୍ସ ପରିଚାଳନା ସଂସ୍ଥାକୁ ତୁରନ୍ତ କାରଣ ଦର୍ଶାଅ ନୋଟିସ ଜାରି କରିବା ଓ ଆମ୍ବୁଲାନ୍ସର ଯାନ୍ତ୍ରିକ ସ୍ଥିତି ନିୟମିତ ଭିତ୍ତିରେ ଯାଞ୍ଚ କରିବା ଆଦି ଦାବି କରାଯାଇଛି। ଅସହ୍ୟ ତାତିରେ ରୋଗୀ ଆମ୍ବୁଲାନ୍ସରେ ବିନା ଏସସିରେ ଆଉଟୁ ପାଉଟୁ ହେଉଥିବାବେଳେ କର୍ତ୍ତୃପକ୍ଷ ରକ୍ଷଣାବେକ୍ଷଣ ନେଇ ପଦକ୍ଷେପ ଗ୍ରହଣ କରୁନାହାଁନ୍ତି। ଉକ୍ତ ଘଟଣାରେ ତୁରନ୍ତ ବିହିତ ପଦକ୍ଷେପ ଗ୍ରହଣ କରିବା ନେଇ ସାଧାରଣରେ ଦାବି ହୋଇଛି।

### ଗ୍ରାମବାସୀଙ୍କ ଜମି ରାଇସ ମିଲ ହାତେଇଥିବା ଅଭିଯୋଗ

# ତହସିଲଦାରଙ୍କ ବିରୋଧରେ ଜିଲ୍ଲାପାଳଙ୍କୁ ଗ୍ରାମବାସୀଙ୍କ ଦାବିପତ୍ର

ରାଇରଙ୍ଗପୁର,୧୧।୬(ସମିସ):

ପୁଞ୍ଜିପତିମାନେ ଗ୍ରାମବାସୀଙ୍କ ଜମି ହାତେଇ ନେଇଥିବା ଅଭିଯୋଗ ହୋଇଛି। ରାଇସ ମିଲ ମାଲିକ ତହସିଲଦାରଙ୍କୁ ହାତ କରି ଗ୍ରାମର ଗୋଚର ଜମିକୁ ଆୟତ୍ତ କରିଛନ୍ତି। ଏହାକୁ ବିରୋଧ କରି ଗ୍ରାମବାସୀ ରାଇରଙ୍ଗପୁରଠାରେ ଜିଲ୍ଲାପାଳ ହେମକାନ୍ତ ସୟଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି। ବହଳଦା ତହସିଲ ଅନ୍ତର୍ଗତ କଣ୍ଡାସଲା ଗ୍ରାମର ଜମିକୁ ଡାଇରେକ୍ଟର ଏଗ୍ରି ଇଣ୍ଡଷ୍ଟ୍ରିଜ ପ୍ରାଇଭେଟ ଲିମିଟେଡ କମ୍ପାନୀ ଓ ପୁଞ୍ଜିପତିଙ୍କ ସ୍ୱାର୍ଥରେ ବେଆଇନ ଭାବେ ହସ୍ତାନ୍ତର କରାଯାଉଛି। ଏଥିପାଇଁ ବହଳଦା ତହସିଲଦାର ଲକ୍ଷାଧିକ ଟଙ୍କା ଗ୍ରହଣ କରିଥିବା ନେଇ ଗୁରୁତର ଅଭିଯୋଗ କଣ୍ଡାସଲା ଗ୍ରାମବାସୀ କରିଛନ୍ତି। ଡାଇରେକ୍ଟର ଏଗ୍ରୀ ଇଣ୍ଡଷ୍ଟ୍ରିଜ ପ୍ରାଇଭେଟ ଲିମିଟେଡ କମ୍ପାନୀକୁ ଅନୁକମ୍ପା ଦେଖାଇ ଗ୍ରାମର ଗୋଚର



ଓ ପଥର ଖଣି କିସମ ଜମିକୁ ଯେଉଁ ହସ୍ତାନ୍ତର କରାଯାଉଛି, ତାହାକୁ ତୁରନ୍ତ ଗ୍ରାମବାସୀଙ୍କୁ ଫେରସ୍ତ କରାଯାଉ। ସେହିପରି ଏହି ସମଗ୍ର ଘଟଣାର ନିରପେକ୍ଷ ଓ ଉଚ୍ଚସ୍ତରୀୟ ତଦନ୍ତ କରାଯିବା ସହ ବହଳଦା ତହସିଲଦାରଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ ଓ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହୋଇଛି। ମୟୂରଭଞ୍ଜ ଭଳି ପଞ୍ଚମ ଅନୁସୂଚୀ ଅଞ୍ଚଳରେ ଆଦିବାସୀ ଓ ସ୍ଥାନୀୟ ଗ୍ରାମବାସୀଙ୍କ ଅଧିକାରକୁ କ୍ଷୁର୍ଣ୍ଣ କରି କୌଣସି ପୁଞ୍ଜିପତି ଗୋଷ୍ଠୀକୁ ଲାଭ ପହଞ୍ଚାଇବା ଗଣତାନ୍ତ୍ରିକ ବ୍ୟବସ୍ଥା ଓ ଜନସ୍ୱାର୍ଥ ବିରୋଧୀ ଅଟେ। ଏହି ଘଟଣାକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଓ କ୍ଷୋଭ ପ୍ରକାଶ ପାଇଛି। ଏ ପ୍ରସଙ୍ଗରେ ମାସା ଆର୍ମୀ ସଂଗଠନ ବାମନଘାଟି ସଭାପତି ଦାସମାତ ସରେନଙ୍କ ତତ୍ତ୍ୱାବଧାନରେ କଣ୍ଡାସଲା ଗ୍ରାମବାସୀ ଜିଲ୍ଲାପାଳ ଶ୍ରୀ ସୟଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି।

## କାର୍ଯ୍ୟାନୁଷ୍ଠାନ ନ ହେଲେ ଆନ୍ଦୋଳନ ଚେତାବନୀ

ଯଦି ଅଭିଯୋଗର ତୁରନ୍ତ ତଦନ୍ତ କରି ଗ୍ରାମବାସୀଙ୍କୁ ନ୍ୟାୟ ପ୍ରଦାନ କରା ନ ଯାଏ, ତେବେ ସଂଗଠନ ଓ ସ୍ଥାନୀୟ ଗ୍ରାମବାସୀ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରିବେ ବୋଲି ମାସା ଆର୍ମୀ ସଂଗଠନ ପକ୍ଷରୁ ରାଜ୍ୟ ସଭାପତି ସୁକୁଲାଲ ମାରାଣ୍ଡି ଚେତାବନୀ ଦେଇଛନ୍ତି। ଏ ନେଇ ଜିଲ୍ଲା ପ୍ରଶାସନ ସମ୍ପୂର୍ଣ୍ଣ ଦାୟୀ ରହିବ ବୋଲି ସଂଗଠନ ପକ୍ଷରୁ କୁହାଯାଇଛି।

ଘୋଷଣାରେ ସୀମିତ ଦାଣ୍ଡବୋଷ ପାଇଲଟ ତାଲିମ କେନ୍ଦ୍ର

# ଅନ୍ଧାରରେ ଉତ୍ତର ଓଡ଼ିଶା ଯୁବପିଢ଼ିଙ୍କ ପାଇଲଟ ହେବା ସ୍ୱପ୍ନ

ରାଇରଙ୍ଗପୁର, ୧୧।୬ (ସମିସ): ରାଇରଙ୍ଗପୁର ଦାଣ୍ଡବୋଷରେ ପ୍ରତିଷ୍ଠା ହେବାକୁ ଥିବା ପାଇଲଟ ତାଲିମ କେନ୍ଦ୍ର ଘୋଷଣାରେ ସୀମିତ ରହିଯାଇଛି। ଉତ୍ତର ଓଡ଼ିଶାର ଯୁବପିଢ଼ିଙ୍କୁ ପାଇଲଟ ହେବା ସୁଯୋଗ ପ୍ରଦାନ ନିମନ୍ତେ ଗତ ଜାନୁଆରୀ ମାସରେ ଏମଓୟୁ ସ୍ୱାକ୍ଷରିତ ହେବା ସତ୍ତ୍ୱେ ବର୍ତ୍ତମାନ ସୁଦ୍ଧା ଏହାର କାର୍ଯ୍ୟ ଆରମ୍ଭ ହୋଇପାରିନି। ଫଳରେ ଉତ୍ତର ଓଡ଼ିଶା ଯୁବପିଢ଼ିଙ୍କ ପାଇଲଟ ହେବା ଆଶା ଆଶାରେ ରହିଛି। ଯଥାଶୀଘ୍ର ପାଇଲଟ ତାଲିମ କେନ୍ଦ୍ର ଆରମ୍ଭ କରାଯିବାକୁ ଦାବି ହେଉଛି।




ମୟୂରଭଞ୍ଜ ଜିଲ୍ଲା ସମେତ ଉତ୍ତର ଓଡ଼ିଶାର ଯୁବପିଢ଼ିଙ୍କ ପାଇଁ ବିମାନ ଚାଳନା କ୍ଷେତ୍ରରେ ନୂତନ ସୁଯୋଗ ସୃଷ୍ଟି କରି ପାଇଲଟ ହେବାର ଦକ୍ଷତା ପ୍ରଦାନ କରିବା ପାଇଁ ରାଇରଙ୍ଗପୁରର ଦାଣ୍ଡବୋଷରେ ପାଇଲଟ ତାଲିମ କେନ୍ଦ୍ର ପ୍ରତିଷ୍ଠା ହେବାକୁ ଥିଲା। ଯାହାକୁ ନେଇ ଗତ ଜାନୁଆରୀ ମାସରେ ୱିଙ୍ଗ୍ସ ଇଣ୍ଡିଆ-୨୦୨୬ରେ ରାଜ୍ୟ ସରକାରଙ୍କ ସହ ବୁଝାମଣା ପତ୍ର (ଏମଓୟୁ) ସ୍ୱାକ୍ଷରିତ ହୋଇଥିଲା। ଯାହାକି ରାଇରଙ୍ଗପୁରକୁ ନୂତନ ପରିଚୟ ଦେବାକୁ ସକ୍ଷମ ଅଟେ। ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟ ପକ୍ଷରୁ ହାଇଦ୍ରାବାଦର ବେଗମପେଟଠାରେ ୱିଙ୍ଗ୍ସ ଇଣ୍ଡିଆ-୨୦୨୬ ସମ୍ମିଳନୀ ଆୟୋଜିତ ହୋଇଥିଲା। ଉକ୍ତ ସମ୍ମିଳନୀରେ ଅକ୍ଲେମିଷ୍ଟ ଏଭିଏସନ୍ କମ୍ପାନୀ ସହ ରାଜ୍ୟ ସରକାର ଏମଓୟୁ ସ୍ୱାକ୍ଷରିତ କରିଥିଲେ। ଦକ୍ଷତାମୂଳକ ଉନ୍ନୟନ ରଣନୀତିକୁ ଆହୁରି ସୁଦୃଢ଼ କରିବା ଦିଗରେ ଓଡ଼ିଶା ସରକାର 'ୱିଙ୍ଗ୍ସ ଇଣ୍ଡିଆ ୨୦୨୬' ଅବସରରେ ଦୁଇଟି ଗୁରୁତ୍ୱପୂର୍ଣ୍ଣ ଚୁକ୍ତି ସ୍ୱାକ୍ଷର କରିଥିଲେ। ଏସିଆର ସର୍ବବୃହତ୍ ସିଭିଲ୍ ଏଭିଏସନ୍ କାର୍ଯ୍ୟକ୍ରମ ୱିଙ୍ଗ୍ସ ଇଣ୍ଡିଆ ୨୦୨୬ ରାଜ୍ୟରେ ବିମାନ ଶିକ୍ଷା ଓ ପ୍ରଶିକ୍ଷଣ ପାଇଁ ପ୍ରାଥମିକ ଢାଞ୍ଚାକୁ ଶକ୍ତିଶାଳୀ କରିବା ଲକ୍ଷ୍ୟ ରହିଥିଲା। ଅକ୍ଲେମିଷ୍ଟ ଏଭିଏସନ୍ ସହ ସ୍ୱାକ୍ଷରିତ ଏମଓୟୁ ଅନୁଯାୟୀ ଦାଣ୍ଡବୋଷ ବିମାନବନ୍ଦରରେ ଗୋଟିଏ ଫ୍ଲାଇଂ ଟ୍ରେନିଂ ଅର୍ଗାନାଇଜେସନ୍ (ଏଫଟିଓ) ସ୍ଥାପନ କରାଯିବ। ଉକ୍ତ ପ୍ରସ୍ତାବିତ ପ୍ରଶିକ୍ଷଣ କେନ୍ଦ୍ରରେ ପ୍ରତିବର୍ଷ ପ୍ରାୟ ୫୦ ଜଣ ପାଇଲଟଙ୍କୁ ପ୍ରଶିକ୍ଷଣ ଦେବାକୁ କ୍ଷମତା ରହିବ। ଏହା ମାଧ୍ୟମରେ ମୟୂରଭଞ୍ଜ ସହ ଉତ୍ତର ଓଡ଼ିଶାର ଯୁବପିଢ଼ିଙ୍କ ପାଇଁ ବିମାନ ଚାଳନା କ୍ଷେତ୍ରରେ ଦକ୍ଷତା ଅର୍ଜନର ନୂତନ ସୁଯୋଗ ସୃଷ୍ଟି ହେବ। ଅନ୍ୟପକ୍ଷରେ ରାଜ୍ୟରେ ବିମାନ ସମ୍ବନ୍ଧୀୟ ପ୍ରଶିକ୍ଷଣ ଢାଞ୍ଚା ମଜବୁତ ହେବା ସହ ଓଡ଼ିଶାକୁ ଏଭିଏସନ୍ ଶିକ୍ଷାର ଏକ ଉଦୀୟମାନ କେନ୍ଦ୍ର ଭାବେ ପରିଚିତ କରାଇବାର ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଅଟେ। ଏହି ପଦକ୍ଷେପ ଦ୍ୱାରା ସ୍ଥାନୀୟ ଅଞ୍ଚଳର ବିକାଶ ହେବା ସହ ଯୁବପିଢ଼ିଙ୍କ ପାଇଁ ନୂତନ ସୁଯୋଗ ସୃଷ୍ଟି ହେବ। ଦାଣ୍ଡବୋଷ ବିମାନ ବନ୍ଦର ପ୍ରାୟ ୧୧୭ ଏକର ଜମିରେ ନିର୍ମିତ ଅଟେ। ଯେଉଁଥିରେ ରନୱେ, ଏୟାର ଟ୍ରାଫିକ ପରିଚାଳନା କେନ୍ଦ୍ର, ବିମାନ ବନ୍ଦର କାର୍ଯ୍ୟାଳୟ ସମେତ ଅନ୍ୟ ବିଲ୍ଡିଂ ରହିବ। ପାଇଲଟ ନେଇ ତାଲିମ ପ୍ରଦାନ କରାଯିବ। ତାହା କେବଳ ଘୋଷଣାରେ ସୀମିତ ରହିଗଲା। ଆଜି ପର୍ଯ୍ୟନ୍ତ କୌଣସି ପ୍ରକ୍ରିୟା ଆରମ୍ଭ ହେଲାନାହିଁ। ସ୍ଥାନୀୟ ଅଞ୍ଚଳର ଯୁବପିଢ଼ିଙ୍କ ପାଇଲଟ ହେବା ସ୍ୱପ୍ନ ପୂରଣ ହେବା ଅନ୍ଧାରକୁ ଠେଲି ହୋଇଯାଇଛି।

## ସେବା ସଂଗଠନ ପକ୍ଷରୁ ସାନ୍ତାଳୀ ଭାଷା ବାର୍ଷିକ ପରୀକ୍ଷା




ବଡ଼ସାହି, ୧୧।୬(ସମିସ): ସେବା ସଂଗଠନ ପରିଚାଳିତ ସାନ୍ତାଳୀ ଭାଷା ବିଦ୍ୟାଳୟର ବାର୍ଷିକ ପରୀକ୍ଷା ବଡ଼ସାହି ବ୍ଲକ ଅନ୍ତର୍ଗତ ଦେଉଳିଆ ପଞ୍ଚାୟତର ରଙ୍ଗାଡିହା ଗ୍ରାମସ୍ଥ ରଙ୍ଗାଡିହା ସାନ୍ତାଳୀ ବିଦ୍ୟାଳୟ ଓ କେନ୍ଦୁଡିହା ପଞ୍ଚାୟତର ଡାହିସାହି ଗ୍ରାମସ୍ଥ ସୁରେନ୍ଦ୍ର ନାଥ ସାନ୍ତାଳୀ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଛି। ଉକ୍ତ ଦୁଇଟି ପରୀକ୍ଷା କେନ୍ଦ୍ରରେ ୫୨ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଉଛନ୍ତି। ସେବା ସଂଗଠନର ଆବାହକ ଚୈତନ୍ୟ ସୋରେନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ପରୀକ୍ଷା ପରିଚାଳିତ ହୋଇଛି। ସେବା ସଂଗଠନର ସାଧାରଣ ସମ୍ପାଦକ ଶିବଶଙ୍କର ହାଁସଦା, ସାଂଗଠନିକ ସମ୍ପାଦକ ରମେଶ ଚନ୍ଦ୍ର ସିଂ, ପର୍ଯ୍ୟବେକ୍ଷକ ରାଧୁ ମାରାଣ୍ଡି, ହରିମୋହନ ସୋରେନ, କୋଷାଧ୍ୟକ୍ଷ ସାଇବ ମୁର୍ମୁ, ଉପଦେଷ୍ଟା ନନ୍ଦକିଶୋର ହାଁସଦା, ଚିନ୍ତାମଣି ଟୁଡୁ ପ୍ରମୁଖ ଉକ୍ତ ସାନ୍ତାଳୀ ଭାଷା ପରୀକ୍ଷା ପରିଚାଳନାରେ ସହଯୋଗ କରିଥିଲେ। ପରୀକ୍ଷା କେନ୍ଦ୍ର ପର୍ଯ୍ୟବେକ୍ଷକ ଭାବେ ରାମହରି ହାଁସଦା ଓ ଭଜ ସୋରେନ୍ ସହଯୋଗ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସୁନାରାମ ଟୁଡୁ, ମୁସୁ ସୋରେନ୍, ସନ୍ଧ୍ୟା ହାଁସଦା ଓ ସୁଭଦ୍ରା ଟୁଡୁ ପ୍ରମୁଖ ସହଯୋଗ କରିଥିଲେ।

## ନାବାଳକ ଦିବ୍ୟାଙ୍ଗ ଭତ୍ତାରୁ ବଞ୍ଚିତ



ଶରତ, ୧୧।୬(ସମିସ): କପ୍ତିପଦା ବ୍ଲକ ଅନ୍ତର୍ଗତ ଦେୱାନବାହାଲୀ ପଞ୍ଚାୟତର ଗାଲା ତିୟୁ (୫) ସରକାରଙ୍କ ସାମାଜିକ ସୁରକ୍ଷା ଯୋଜନାର ଦିବ୍ୟାଙ୍ଗ ଭତ୍ତା ପାଇବାରୁ ବଞ୍ଚିତ ହୋଇଛନ୍ତି। ସେ୨ ବର୍ଷ ହେବ ଦିବ୍ୟାଙ୍ଗ ପ୍ରମାଣପତ୍ର ପାଇଥିଲେ ସୁଦ୍ଧା ତାଙ୍କୁ ଦିବ୍ୟାଙ୍ଗ ଭତ୍ତା ପ୍ରଦାନ କରାଯାଇନାହିଁ। ତାଙ୍କ ପ୍ରମାଣ ପତ୍ରରେ ସେ ୪୫ ପ୍ରତିଶତରୁ ଊର୍ଦ୍ଧ୍ୱ ଭିନ୍ନକ୍ଷମ ବିକଳାଙ୍ଗ ସତ୍ତ୍ୱେ ତାଙ୍କୁ ଦିବ୍ୟାଙ୍ଗ ଭତ୍ତା ପ୍ରଦାନ କରାଯାଉ ନ ଥିବା ଅଭିଯୋଗ କରିଛନ୍ତି ତାଙ୍କ ବାପା ପାସିଂଙ୍ଗ ତିୟୁ। ଗାଲାକୁ ଦିବ୍ୟାଙ୍ଗ ଭତ୍ତା ପ୍ରଦାନ କରାଯିବା ଦିଗରେ ପଦକ୍ଷେପ ଗ୍ରହଣ କରିବାକୁ ଉଭୟ କପ୍ତିପଦା ବ୍ଲକ ପ୍ରଶାସନ ଓ ମୟୂରଭଞ୍ଜ ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

## ୱାନଷ୍ଟପ୍ ସେଣ୍ଟରର ପ୍ରତିଷ୍ଠା ଦିବସ



ବାରିପଦା, ୧୧।୬(ସମିସ): ୱାନଷ୍ଟପ୍ ସେଣ୍ଟରର ସପ୍ତମ ପ୍ରତିଷ୍ଠା ଦିବସ ଗୁରୁବାର ପାଳିତ ହୋଇଛି। ମହିଳାଙ୍କ କଲ୍ୟାଣ ଓ ସୁରକ୍ଷା ପାଇଁ କାର୍ଯ୍ୟରତ ବିଭିନ୍ନ ବିଭାଗର ବିଶିଷ୍ଟ ଅତିଥି ଓ ହିତାଧିକାରୀ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଡିଏସପି ଗୋବିନ୍ଦ ବେହେରା, ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ସୁବାସ ନାୟକ, ସମାଜ କଲ୍ୟାଣ ଅଧିକାରୀ ଅନ୍ନପୂର୍ଣ୍ଣା ବୁଗୁଡ଼ା, ପିଓ-କମ୍-ପିଓ ସସ୍ମିତା ମହାନ୍ତି, ଜେଣ୍ଡର ସ୍ପେସିଆଲିଷ୍ଟ ଗାୟତ୍ରୀ ନନ୍ଦା ଯୋଗ ଦେଇଥିଲେ। ୱାନଷ୍ଟପ୍ ସେଣ୍ଟର ଆଡମିନିଷ୍ଟ୍ରେଟରଙ୍କ ଦ୍ୱାରା ପରିଚାଳିତ କାର୍ଯ୍ୟକ୍ରମରେ ହିଂସାର ଶିକାର ହେଉଥିବା ପୀଡ଼ିତାଙ୍କୁ ଭବିଷ୍ୟତରେ ଅଧିକ ପ୍ରଭାବଶାଳୀ ସହାୟତା ପ୍ରଦାନ ପାଇଁ ବିଭିନ୍ନ ବିଭାଗ ମଧ୍ୟରେ ସମନ୍ୱୟକୁ ସୁଦୃଢ଼ କରିବା ଓ ଅଧିକ ସତର୍କ, ଫଳପ୍ରଦ ପଦକ୍ଷେପ ଗ୍ରହଣ ଉପରେ ବିସ୍ତୃତ ଆଲୋଚନା ହୋଇଥିଲା। ଅତିଥିମାନେ ସମୟୋପଯୋଗୀ ହସ୍ତକ୍ଷେପ, କାଉନସେଲିଂ, ଆଇନଗତ ସହାୟତା, ଚିକିତ୍ସା ସେବା ଓ ପୁନର୍ବାସ ସୁବିଧାର ଗୁରୁତ୍ୱ ଉପରେ ଜୋର ଦେଇଥିଲେ। ସେମାନେ କେନ୍ଦ୍ରରେ ଉପସ୍ଥିତ ଜଣେ ପୀଡ଼ିତାଙ୍କ ସହ ଆଲୋଚନା କରି ସେମାନଙ୍କ ଅଭିଜ୍ଞତା ଓ ଆବଶ୍ୟକତା ସମ୍ପର୍କରେ ଜାଣିଥିଲେ। ଗତ ସାତବର୍ଷ ଧରି ମହିଳାଙ୍କ ସୁରକ୍ଷା, ସମ୍ମାନ ଓ ସଶକ୍ତୀକରଣ ଦିଗରେ ଏହି ସେଣ୍ଟରର ଉଲ୍ଲେଖନୀୟ କାର୍ଯ୍ୟକୁ ସମସ୍ତେ ପ୍ରଶଂସା କରିଥିଲେ। ମହିଳାଙ୍କ ପାଇଁ ଅଧିକ ସୁଦୃଢ଼ ସହାୟତା ବ୍ୟବସ୍ଥା ଗଢ଼ି ତୋଳିବା, ସୁରକ୍ଷିତ ଓ ସମାନତାଭିତ୍ତିକ ସମାଜ ଗଠନ ପାଇଁ ସଂକଳ୍ପ ନିଆଯାଇଥିଲା।

## ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ପାଇଁ ପୂଜାର୍ଚ୍ଚନା

ରାଇରଙ୍ଗପୁର, ୧୧।୬(ସମିସ): ପ୍ରଧାନମନ୍ତ୍ରୀ ଭାବେ ନରେନ୍ଦ୍ର ମୋଦୀ ସର୍ବାଧିକ ଦିନ ଶାସନ ଗାଦିରେ ରହିଛନ୍ତି। ନରେନ୍ଦ୍ର ମୋଦୀ ଦେଶର ସର୍ବାଧିକ ସମୟ ଅର୍ଥାତ ୧୨ ବର୍ଷ ୧୫ ଦିନ ଧରି ପ୍ରଧାନମନ୍ତ୍ରୀ ରହି ଇତିହାସ ସୃଷ୍ଟି କରିଛନ୍ତି। ଏହି ଗୌରବମୟ ଅବସରରେ ପ୍ରଧାନମନ୍ତ୍ରୀଙ୍କ ମଙ୍ଗଳ କାମନା କରି ମନ୍ଦିରରେ ପୂଜାର୍ଚ୍ଚନା ହୋଇଛି। ସାଂସଦ ନବଚରଣ ମାଝୀଙ୍କ ନେତୃତ୍ୱରେ ଦଳୀୟ କାର୍ଯ୍ୟକର୍ତ୍ତା ଓ ସ୍ଥାନୀୟ ଜନସାଧାରଣ ସମୂହ ଦୀପଦାନ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ମହାଦେବଙ୍କ କୃପାରୁ ତାଙ୍କର ଆଗାମୀ ଜୀବନ ମଙ୍ଗଳମୟ ହେଉ ଓ ତାଙ୍କ ନେତୃତ୍ୱରେ ଦେଶ ସଫଳତାର ନୂତନ କୀର୍ତ୍ତିମାନ ସ୍ଥାପନ କରୁ ବୋଲି କାମନା କରାଯାଇଛି।

## ଯୁଥ ଆଇକନ୍ ପାଇଁ କିଶନ ମନୋନୀତ



ବାରିପଦା, ୧୧।୬(ସମିସ): ଓଡ଼ିଶାର ଯୁବ ନବପ୍ରବର୍ତ୍ତକ ଓ ସମାଜସେବୀ କିଶନ କୁମାର ସାହୁଙ୍କୁ ଭାରତ ସରକାରଙ୍କ କ୍ରୀଡ଼ା ଓ ଯୁବ ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ଯୁଥ ଆଇକନ୍-୨୦୨୬ ପାଇଁ ମନୋନୀତ କରାଯାଇଛି। ଦେଶର ବିଭିନ୍ନ ରାଜ୍ୟରୁ ମନୋନୀତ ୧୫୦ ଜଣ ଯୁବ ପ୍ରତିଭାଙ୍କ ମଧ୍ୟରେ ସେ ଜଣେ ହୋଇଥିବାବେଳେ ଏହା ଓଡ଼ିଶା ଏକ ଗୌରବର ବିଷୟ ହୋଇଛି। ନବସୃଜନ ଓ ଯୁବ ନେତୃତ୍ୱ କ୍ଷେତ୍ରରେ କାର୍ଯ୍ୟ କରୁଥିବା କିଶନ କୁମାର ସାହୁ ନିଜର ବିଭିନ୍ନ ଅଭିନବ ପ୍ରକଳ୍ପ ଓ ଚିନ୍ତାଧାରା ପାଇଁ ଜାତୀୟ ସ୍ତରରେ ପରିଚିତି ଲାଭ କରିଛନ୍ତି। ତାଙ୍କର ଉଦ୍ଭାବନମୂଳକ ପ୍ରକଳ୍ପ ପାଇଁ ସେ ଆଇଆଇଟି ଧାନବାଦ, ଆଇଆଇଟି ଭୁବନେଶ୍ୱର ସମେତ ଦେଶର ଅନେକ ପ୍ରତିଷ୍ଠିତ ଅନୁଷ୍ଠାନରେ ସମ୍ମାନିତ ହୋଇଛନ୍ତି। ଏଥିସହ ତାଙ୍କର କିଛି ନୀତିଗତ ଓ ବିକାଶମୂଳକ ପ୍ରସ୍ତାବ ଜାତୀୟ ସ୍ତରର ଆଲୋଚନାରେ ସ୍ଥାନ ପାଇଥିବା ଜଣାପଡ଼ିଛି। ଯୁବ ସଶକ୍ତୀକରଣ, ନବପ୍ରବର୍ତ୍ତନ, ରାଷ୍ଟ୍ର ଗଠନ କ୍ଷେତ୍ରରେ ତାଙ୍କର ଅବଦାନକୁ ସ୍ୱୀକୃତି ଦେଇ ଏହି ଜାତୀୟ ମନୋନୟନ ପ୍ରଦାନ କରାଯାଇଛି। ଜାତୀୟ ସ୍ତରରେ ମିଳିଥିବା ଏହି ସଫଳତା କିଶନ କୁମାର ସାହୁଙ୍କୁ ଓଡ଼ିଶାର ଯୁବ ପ୍ରତିଭାଙ୍କ ମଧ୍ୟରେ ସ୍ୱତନ୍ତ୍ର ପରିଚୟ ପ୍ରଦାନ କରିଛି। ଖବର ଜଣାପଡ଼ିବା ପରେ ପ୍ରଶଂସକଙ୍କ ଶୁଭେଚ୍ଛାର ସୁଅ ଛୁଟିଛି।

## ବାଲି ବୋଝେଇ ଟ୍ରାକ୍ଟର ଜବତ

ରାଇରଙ୍ଗପୁର/ଯଶିପୁର, ୧୧।୬ (ସମିସ): ବେଆଇନ ଭାବେ ବାଲି ଚୋରାଚାଲାଣ ବେଳେ ଯଶିପୁର ଥାନା ଅଞ୍ଚଳରୁ ପୁଲିସ ଦ୍ୱାରା ବାଲି ବୋଝେଇ ଟ୍ରାକ୍ଟର ଜବତ ହୋଇଛି। ବହୁ ପରିମାଣର ଲଘୁ ଖଣିଜ ଚୋରା ଚାଲାଣ ହେଉଥିବା ବାରମ୍ବାର ଅଭିଯୋଗ ହେଉଥିବାବେଳେ ପୁଲିସ ପକ୍ଷରୁ ପାଟ୍ରୋଲିଂ ଚାଲିଥିବାବେଳେ ଭଣ୍ଡନ ନଦୀରୁ ବାଲି ବେଆଇନ ଚାଲାଣ ନେଇ ବିଶ୍ୱସ୍ତ ସୂତ୍ରରୁ ଖବର ମିଳିଥିଲା। ଟାକୁଡିପାଳ ଗ୍ରାମ ନିକଟସ୍ଥ ଘାଟରେ ଚଢ଼ଉ କରି ଟ୍ରାକ୍ଟର ଜବତ କରାଯାଇଛି। ଟ୍ରାକ୍ଟର ଚାଳକ ଫେରାର ହେଉଥିବାବେଳେ ତାଙ୍କୁ ଅଟକାଇ ପଚରାଉଚରା କରିଥିଲା ପୁଲିସ। ଗାଡି ମାଲିକଙ୍କ ନିର୍ଦ୍ଦେଶକ୍ରମେ ବେଆଇନ ଭାବେ ବାଲି ଚୋରା ଚାଲାଣ କରୁଥିବା ନେଇ ଜାଣିବା ପରେ ଗାଡିକୁ ଜବତ କରାଯାଇଛି। ଏ ନେଇ ଯଶିପୁର ଥାନାରେ ଲଘୁ ଖଣିଜ ବେଆଇନ ଚୋରା ଚାଲାଣ ନେଇ ମାମଲା ରୁଜୁ କରାଯାଇ ତଦନ୍ତ ଜାରି ରହିଛି।

ତେନ୍ତୁଳିମୁଣ୍ଡା ଓ ବେଗୁନିଆବଣୀ ଗ୍ରାମ ମଧ୍ୟରେ ହାଟ ବିବାଦ

## ତହସିଲଦାରଙ୍କ କାର୍ଯ୍ୟାଳୟରେ ଉଭୟ ପକ୍ଷଙ୍କ ମଧ୍ୟରେ ବୈଠକ

ବଡ଼ସାହି, ୧୧।୬(ସମିସ): ବଡ଼ସାହି ବ୍ଲକ ଅଧୀନ ପଟିସାରୀ ପଞ୍ଚାୟତର ତେନ୍ତୁଳିମୁଣ୍ଡା ଓ ବେଗୁନିଆବଣୀ ଗ୍ରାମବାସୀଙ୍କ ମଧ୍ୟରେ ଏକ ହାଟକୁ ନେଇ ପାଖାପାଖି ବର୍ଷେ ହେବ ବିବାଦର ସମାଧାନ ହେବାର ନାମ ଧରୁନି। ଏ ସଂକ୍ରାନ୍ତରେ ଜିଲ୍ଲାପାଳ, ଆରକ୍ଷୀ ଅଧୀକ୍ଷକ, ବିଡିଓ ଓ ତହସିଲଦାରଙ୍କ ନିକଟରେ ଉଭୟ ପକ୍ଷ ପକ୍ଷରୁ ଅଭିଯୋଗ ହୋଇଥିଲା। ଅଧିକାରୀମାନେ ଗ୍ରାମକୁ ଯାଇ ସମାଧାନ କରିବାକୁ ଚେଷ୍ଟା କରିଥିଲେ ହେଁ ତାହା ସମ୍ଭବ ହୋଇପାରିନାହିଁ। ଏପରିକି ୧୪୪ ଧାରା ଜାରି ହେବା ଓ ବ୍ଲକ ସଭାଗୃହରେ ଏପିଡି, ତହସିଲଦାର, ଏବିଡିଓ, ଥାନା ଅଧିକାରିଣୀଙ୍କ ଉପସ୍ଥିତିରେ ଉଭୟ ଗ୍ରାମବାସୀଙ୍କ ମଧ୍ୟରେ ସମାଧାନ କରାଯିବାକୁ ଚେଷ୍ଟା କରାଯାଇଥିଲେ ହେଁ ତାହା ସଫଳ ହୋଇ ନ ଥିଲା। ଉଭୟ ପକ୍ଷ ନିଜ ନିଜ ଜିଦରେ ଅଟଳ ଥିବାବେଳେ ଉତ୍ତେଜନା ଲାଗି ରହିଥିଲା। ପରବର୍ତ୍ତୀ ପର୍ଯ୍ୟାୟରେ ଏହି ବିବାଦ ହାଇକୋର୍ଟରେ ପହଞ୍ଚିଥିଲା। ଉଭୟ ପକ୍ଷର ଅଭିଯୋଗ ଓ ପ୍ରତିଅଭିଯୋଗକୁ ନେଇ ହାଇକୋର୍ଟ ଜିଲ୍ଲାପାଳଙ୍କୁ ଚୂଡ଼ାନ୍ତ ନିଷ୍ପତ୍ତି ନେବାକୁ ନିର୍ଦ୍ଦେଶ ଦେଇଥିବାବେଳେ ତେନ୍ତୁଳିମୁଣ୍ଡା ହାଟ ସରକାରୀ ଭାବେ ପଞ୍ଚାୟତ ନିଲାମ ପ୍ରକ୍ରିୟାରେ ସାମିଲ ହୋଇଥିବାରୁ ଏହାକୁ କାର୍ଯ୍ୟକାରୀ କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ଫଳରେ ପ୍ରଶାସନିକ ସ୍ତରରେ ତତ୍ପରତା ପ୍ରକାଶ ପାଇଥିଲା। ଏପରିକି ତହସିଲଦାର, ବିଡିଓ, ଥାନାଧିକାରିଣୀ ଓ ପଞ୍ଚାୟତକୁ ଚିଠି କରିଥିବାବେଳେ ପଞ୍ଚାୟତ ପକ୍ଷରୁ ବେଗୁନିଆବଣୀ ହାଟ ବନ୍ଦ କରିବା ପାଇଁ ପ୍ରଚାର କରାଯାଇଥିଲା। ଏହାପରେ ମଧ୍ୟ ବେଗୁନିଆବଣୀ ହାଟ ଚାଲୁରହିଥିବା ଯୋଗୁଁ ତେନ୍ତୁଳିମୁଣ୍ଡା ଗ୍ରାମବାସୀଙ୍କ ପକ୍ଷରୁ ଅସନ୍ତୋଷ ପ୍ରକାଶ ପାଇଥିଲା।



ଏହାର ସ୍ଥାୟୀ ସମାଧାନ ପାଇଁ ବୁଧବାର ତହସିଲଦାର ବିଶ୍ୱନାଥ ବିଶ୍ୱାଳଙ୍କ ତତ୍ତ୍ୱାବଧାନରେ ଉଭୟ ଗ୍ରାମବାସୀଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକର ନିଷ୍ପତ୍ତି ମୁତାବକ ବେଗୁନିଆବାଣୀ ହାଟ ଆସନ୍ତା ୧୨ ତାରିଖ ପର୍ଯ୍ୟନ୍ତ ପରିଚାଳିତ ହେବ। ଏହି ସମୟ ପରେ ପରେ ତେନ୍ତୁଳିମୁଣ୍ଡା ହାଟ ପୂର୍ବ ଭଳି ମଙ୍ଗଳବାର ଓ ଶୁକ୍ରବାର ବସିବ, ଦୋକାନୀମାନଙ୍କଠାରୁ ମହାସୁଲ ବାବଦରେ ୧୦ ଟଙ୍କା ଲେଖାଏଁ ଆଦାୟ କରାଯିବ। ବେଗୁନିଆବଣୀରେ ମଙ୍ଗଳବାର ଓ ଶୁକ୍ରବାର ବ୍ୟତୀତ ଅନ୍ୟ ଦିନରେ ହାଟ ବସିବା ପାଇଁ ଗ୍ରାମବାସୀଙ୍କ ପକ୍ଷରୁ ଅନୁରୋଧ କରାଯାଇଛି। ଏହି ନିଷ୍ପତ୍ତିକୁ ଉଭୟ ଗ୍ରାମବାସୀ ମାନିବାକୁ ସମ୍ମତି ପ୍ରକାଶ କରିଥିବାବେଳେ ଭବିଷ୍ୟତରେ ଯଦି ଏହି ନିଷ୍ପତ୍ତିର ବ୍ୟତିକ୍ରମ ହୁଏ କିମ୍ବା ଆଇନଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହୁଏ, ତେବେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲଇ ନିଷ୍ପତ୍ତି ହୋଇଛି। ତେନ୍ତୁଳିମୁଣ୍ଡା ହାଟରେ ମହାସୁଲ ଆଦାୟକୁ ନେଇ ବିବାଦ ଦେଖା ଦେବାରୁ ଏହି ହାଟକୁ ବେପାରୀ ନ ଆସି ନିକଟସ୍ଥ ବେଗୁନିଆବଣୀ ନିକଟରେ ବସିବାରୁ ବିବାଦର ସୂତ୍ରପାତ ହୋଇଥିଲା। ଏହାର ଫାଇଦା ନେଇ ବେଗୁନିଆବଣୀ ଗ୍ରାମବାସୀ ସେଠାରେ ନୂତନ ହାଟ ସ୍ଥାପନ ପାଇଁ ଅଣ୍ଟା ଭିଡିଥିଲେ। ମାତ୍ର ବେଗୁନିଆବଣୀ ଗ୍ରାମବାସୀ ସେହି ଶୁକ୍ରବାର ଓ ମଙ୍ଗଳବାର ହାଟ କରିବା ପାଇଁ ସିଦ୍ଧାନ୍ତ ନେଇଥିବାରୁ ବିବାଦ ଆରମ୍ଭ ହୋଇ ହାଇକୋର୍ଟରେ ପହଞ୍ଚିଥିଲା।

ଯୁବବର୍ଗଙ୍କ ପାଇଁ ଗଗନ ପ୍ରେରଣା

## ଛୋଟରାୟପୁରରେ ଲଗାଇଲେ ୪ଟି ବ୍ୟାରିକେଡ୍




ଦୁର୍ଘଟଣା କମାଇବା ପାଇଁ ଛୋଟ ପ୍ରୟାସ

ମୋରଡ଼ା, ୧୧।୬(ସମିସ): ମୋରଡ଼ା ଥାନା ଅନ୍ତର୍ଗତ ନୂଆଗାଁ ପଞ୍ଚାୟତ ଛୋଟରାୟପୁର ଗ୍ରାମର ବାଇନାଥ ମହାନ୍ତଙ୍କ ପୁଅ ଗଗନ କୁମାର ମହାନ୍ତ ଯୁବପିଢ଼ିଙ୍କ ପାଇଁ ପ୍ରେରଣା ସାଜିଛନ୍ତି। ସେ ଅଞ୍ଚଳର ବିଭିନ୍ନ ଜନହିତକାରୀ କାର୍ଯ୍ୟରେ ଲିପ୍ତ ରହିଆସିଥିବାବେଳେ ବାରମ୍ବାର ରାସ୍ତାରେ ଦୁର୍ଘଟଣା ଘଟୁଥିବାରୁ ତାହାକୁ କମାଇବା ପାଇଁ ପ୍ରୟାସ କରି ନିଜସ୍ୱ ଖର୍ଚ୍ଚରେ ଗୁରୁବାର ମୋରଡା ପୁଲିସକୁ ୪ଟି ବ୍ୟାରିକେଡ଼ ପ୍ରଦାନ କରିଛନ୍ତି। ମୋରଡା-ବାଘଡା ଦେଇ ପଶ୍ଚିମବଙ୍ଗକୁ ସଂଯୋଗ କରୁଥିବା ରାସ୍ତାରେ ପ୍ରତିଦିନ ବେଆଇନ ଗାଡ଼ି ଓ ବେପାରୁଆ ଗାଡ଼ି ଚାଳକଙ୍କ ଯୋଗୁଁ ଦୁର୍ଘଟଣା ଘଟି ଧନଜୀବନ ନଷ୍ଟ ହେଉଛି। କିଛିଦିନ ତଳେ କାର୍ ଧକ୍କାରେ ଜଣେ ବ୍ୟକ୍ତିଙ୍କ ଜୀବନ ଯାଇଥିଲା। ଗଗନ ତାଙ୍କ ସହଯୋଗୀ ମହାବୀର ଏଣ୍ଟରପ୍ରାଇଜେସର ମାଲିକ ସୁନୀଲ ମହାନ୍ତଙ୍କ ସହ ଆଲୋଚନା କରି ଆଜି ବାବା ଜଟେଶ୍ୱର ଫିଲିଂ ଷ୍ଟେସନ ପକ୍ଷରୁ ବ୍ୟାରିକେଡ଼ ପ୍ରଦାନ କରିଛନ୍ତି। ରାସ୍ତାରେ ବ୍ୟାରିକେଡ୍ ଲଗାଇବା ସମୟରେ ଶ୍ରୀ ମହାନ୍ତଙ୍କ ସମେତ ହାବିଲଦାର ତରୁଣ ମହାନ୍ତ, ସାମ୍ବାଦିକ ଅଜୟ କୁମାର ମହାନ୍ତ ଓ ଅନ୍ୟମାନେ ଉପସ୍ଥିତ ଥିଲେ।

● ଅବସରପ୍ରାପ୍ତ ରେଳ କର୍ମଚାରୀ ସାଇବର ଠକେଇର ଶିକାର

## ପେନସନ ଟଙ୍କା ପ୍ରଦାନ ଆଳରେ ଠକିନେଲେ ୨୦ ଲକ୍ଷ ଟଙ୍କା

ରାଇରଙ୍ଗପୁର, ୧୧।୬(ସମିସ): ପେନସନ ଟଙ୍କା ପ୍ରଦାନ କରିବା ଆଳରେ ଅବସରପ୍ରାପ୍ତ ରେଳ କର୍ମଚାରୀ ସାଇବର ଠକେଇର ଶିକାର ହୋଇଛନ୍ତି। ଏ ନେଇ ବହଳଦା ଥାନା ଅନ୍ତର୍ଗତ ଜିଆଳଦା ଗ୍ରାମର ଦୁର୍ଗା ହେମ୍ବ୍ରମ ସାଇବର ଓ ଅର୍ଥନୈତିକ ଅପରାଧ ଥାନାରେ ଅଭିଯୋଗ କରିଛନ୍ତି। ସେ ଚାକିରିରୁ ଅବସର ଗ୍ରହଣ କରିବା ପରେ ତାଙ୍କର ୨୩ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ପେନସନ ପାଇବାକୁ ଥିଲା। ଏ ନେଇ ସାଇବର ଅପରାଧୀ ସୂଚନା ପାଇଥିଲେ। ଯାହାକୁ ନେଇ ତାଙ୍କୁ ସାଇବର ଅପରାଧୀ ଅଜଣା ନମ୍ବରରୁ ଫୋନ କରି ଯୋଗାଯୋଗ କରିଥିଲେ। ନିଜକୁ ପେନସନ କର୍ମଚାରୀ ଭାବେ ପରିଚୟ ଦେଇଥିଲେ। ପେନସନ ଟଙ୍କା ପ୍ରଦାନ ନେଇ ଆବଶ୍ୟକ କାଗଜପତ୍ର ପ୍ରଦାନ କରିବାକୁ କହିଥିଲେ। ସେ ସମସ୍ତ ତଥ୍ୟ ପ୍ରଦାନ କରିବା ସହ ଓଟିପି ପ୍ରଦାନ କରିଥିଲେ। ଏହାର କିଛି ସମୟ ପରେ ସାଇବର ଅପରାଧୀ ତାଙ୍କ ବ୍ୟାଙ୍କ ଆକାଉଣ୍ଟରୁ ପର୍ଯ୍ୟାୟକ୍ରମେ ୨୦ ଲକ୍ଷ ଟଙ୍କା ଉଠାଇ ନେଇଥିଲେ। ସେ ବ୍ୟାଙ୍କ ଆକାଉଣ୍ଟ ଯାଞ୍ଚ କରିବା ପରେ ଏହା ଜାଣିବାକୁ ପାଇଥିଲେ। ସାଇବର ଅପରାଧୀଙ୍କ ଠକାମିର ଶିକାର ନେଇ ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗକ୍ରମେ ପୁଲିସ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି।

# ରଜ ପାଇଁ ସଜବାଜ; ହାଟରେ ଜମୁଛି ଭିଡ଼

ବଡ଼ସାହି, ୧୧।୬(ସମିସ): ଆଉ ଦୁଇଦିନ ପରେ ରଜ। ରଜ ପାଇଁ ଉତ୍ସବମୁଖର ହୋଇଉଠିଛି ମୟୂରଭଞ୍ଜ ଜିଲ୍ଲା। ମଝିରେ ମଝିରେ ବର୍ଷା ସ୍ପର୍ଶରେ ଧରଣୀ ରାଣୀ ହୋଇଥା'ନ୍ତି ରଜବତୀ। ଋତୁବତୀ ନାରୀ ପରି ଧରଣୀରାଣୀ ରଜବତୀ ହୋଇ ୩ ଦିନ ବିଶ୍ରାମ ନେଇଥା'ନ୍ତି। ପରମ୍ପରା ଅନୁଯାୟୀ ଚତୁର୍ଥ ଦିନରେ ସେ ସ୍ନାନ କରୁଥିବାବେଳେ ଏହାକୁ ଭୂଇଁ ଦହଣ କୁହାଯାଏ। ଏହି ୩ ଦିନ ଧରିତ୍ରୀ ଉପରେ କୌଣସି ଚାଷ କାର୍ଯ୍ୟ କରାଯାଏନାହିଁ। ବୈଶାଖ ଜ୍ୟେଷ୍ଠ ମାସରେ ଜମିରେ ହଳ କରାଯାଇ ଧାନ ବୁଣା ସରିଥିବାବେଳେ ଧାନ ଗଜା ହେବା ପାଇଁ ଜମିକୁ ବିଶ୍ରାମ ଦିଆଯିବା ସହିତ ଚାଷୀକୁଳ ମଧ୍ୟ ବିଶ୍ରାମ ନେଇଥା'ନ୍ତି। ଏହି ବିଶ୍ରାମର ମଜା ନିଅନ୍ତି ଚାଷୀଠାରୁ ଆରମ୍ଭ କରି ଆବାଳ ବୃଦ୍ଧବନିତା।

ଆଠଦିନ ପୂର୍ବରୁ ଏହି ପର୍ବ ପାଇଁ ପ୍ରସ୍ତୁତି ଆରମ୍ଭ ହୁଏ। ଘରେ ଘରେ ଆମ୍ବ, ପଣସ, ପିଠା, ଖିରୀ ଓ ମାଛ ମାଂସର ଆସର ଜମେ। ସମସ୍ତଙ୍କ ଘରବାଡି ଓ ଗାଁ ଆମ୍ବ ତୋଟାରେ ଦଉଡି ଦୋଳି ଓ ପଟା ଦୋଳି ବନ୍ଧା ହୁଏ। ନୂଆ ପିନ୍ଧି ଖିରୀପିଠା ଖାଇ ସାଙ୍ଗମାନଙ୍କ ସହିତ ଦୋଳି ଖେଳିବାର ମଜା ନିଆରା। ଏବେ ଆଉ ଏହି ପର୍ବର ମାଦକତା ନାହିଁ। ପିଜା ଓ ଫାଷ୍ଟଫୁଡ ପାଇଁ ଗାଁ ଦାଣ୍ଡରେ ପୋଡ ପିଠାର ବାସ୍ନା ନାହିଁ। ଗାଁ ଆମ୍ବତୋଟାରୁ ଶୁଭୁନି ରଜ ଗୀତର ସ୍ୱର କିମ୍ବା ରଜ ଦୋଳି କଟମଟର ଶବ୍ଦ। ପ୍ରାୟ ସମସ୍ତେ ମୋବାଇଲ ହାତରେ ଧରି ସୋସିଆଲ ମିଡିଆରେ ବ୍ୟସ୍ତ। ଆଧୁନିକତାର ଦ୍ୱାହି ଦେଇ ସତେ ଯେପରି ଏହି ପର୍ବ ତା'ର ମୌଳିକତା ହରାଇ ବସିଛି। ତଥାପି ଏହି ପର୍ବକୁ ବିଭିନ୍ନ ସମ୍ପ୍ରଦାୟର ଲୋକ ବିଭିନ୍ନ ଢଙ୍ଗରେ ପାଳନ କରିଥା'ନ୍ତି।



ଆଦିବାସୀ ଅଧ୍ୟୁଷିତ ମୟୂରଭଞ୍ଜ ଜିଲ୍ଲାର ପ୍ରମୁଖ ପର୍ବ ଭାବେ ରଜ ଓ ମକର ପର୍ବକୁ ସାଧାରଣତଃ ଲୋକମାନେ ଧୁମ୍‌ଧାମ୍‌ରେ ପାଳନ କରିଥା'ନ୍ତି। ଏଥିପାଇଁ ଗରିବଠାରୁ ଆରମ୍ଭ କରି ଧନୀ ପର୍ଯ୍ୟନ୍ତ ସମସ୍ତଙ୍କ ଘରେ ପ୍ରସ୍ତୁତି ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ସେଥିପାଇଁ ହାଟରେ ଅହେତୁକ ଭିଡ଼ ପରିଲକ୍ଷିତ ହେଉଛି। ବିଶେଷକରି ଲୁଗା ଦୋକାନ, ତେଜରାତି ଦୋକାନ ଓ ଝିଅମାନଙ୍କ ପାଇଁ ଷ୍ଟେସନାରୀ ଦୋକାନରେ ନାହିଁ ନ ଥିବା ଭିଡ଼ ପ୍ରତିଦିନ ଲାଗି ରହିଛି।

ସେହିପରି ମାଟିହାଣ୍ଡି, ଜୋତା, ବାସନ, ଆମ୍ବ ଓ ପଣସ କିଣିବା ପାଇଁ ଦୋକାନରେ ଲମ୍ବା ଲାଇନ ଦେଖିବାକୁ ମିଳୁଛି। ମାଛ ଓ ମାଂସ ପାଇଁ ବେପାରୀଙ୍କ ନିକଟରେ ପୂର୍ବରୁ ଲୋକମାନେ ଲାଇନ ଲଗାଇ ଆବଶ୍ୟକ ଅନୁସାରେ ଚିଠା କରୁଛନ୍ତି। ଦେଶୀ ମାଛ କେଜି ୨୦୦ ଓ ଖାସି ମାଂସ କେଜି ୮୦୦ ଟଙ୍କା ଓ ଦେଶୀ କୁକୁଡ଼ା କେଜି ୮୦୦ ଟଙ୍କା ଦର ମଧ୍ୟ ଏହି ପର୍ବକୁ ଫିକା ପକାଇବା ଭଳି ଜଣାପଡୁନାହିଁ। ଏହାକୁ ଧୁମଧାମରେ ପାଳନ କରିବା ପାଇଁ ଝିଅଜ୍ୱାଇଁଙ୍କ ସହିତ ଅନ୍ୟ ବନ୍ଧୁବାନ୍ଧବଙ୍କୁ ପ୍ରାୟ ପ୍ରତି ଘରେ ଆମନ୍ତ୍ରଣ କରାଯାଇଛି। ବିଶେଷକରି ମହିଳା ଓ ଝିଅମାନଙ୍କ ପାଇଁ ନୂଆ ପୋଷାକ ଓ ଶାଢୀର ଅବଶ୍ୟକତା ରହିଥିବାବେଳେ ଶାଢୀ, ଧୋତି, ଚୁଡ଼ିଦାର ପଞ୍ଜାବୀ, ଜିନସ, ସାର୍ଟ ଓ ଛୋଟ ପିଲାଙ୍କ ପ୍ୟାଣ୍ଟସାର୍ଟ କିଣିବା ପାଇଁ ରାସ୍ତା କଡ଼ର ଫୁଟପାଥ, ରେଡିମେଡ୍ ଦୋକାନରେ ପ୍ରବଳ ଭିଡ଼ ଲାଗି ରହିଛି। ପହିଲି ରଜଠାରୁ ଏହା ୫ ଦିନ ଧରି ପାଳିତ ହେବାକୁ ଥିବାବେଳେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ କବାଡ଼ି, ଖୋଖୋ ଖେଳ, ଢାବଲ ତାମସା, ଡାଣ୍ଟା ନାଚ, ଯାତ୍ରା, କୁକୁଡ଼ା ଲଢେଇ ଓ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହେବା ପାଇଁ ପ୍ରସ୍ତୁତି ମଧ୍ୟ ସରିଛି। ସେହିପରି ମହିଳାମାନେ ଘରେ ବସି ଲୁଡୁ ଓ ତାସ ଖେଳର ମଜା ଉଠାଇବା ପାଇଁ ବ୍ୟବସ୍ଥା କରିଥିବା ଜଣାଯାଇଛି। ବଡ଼ସାହି ବ୍ଲକ ଅଧୀନ ବଡସାହି, ମାଣତ୍ରୀ, ଚାନ୍ଦଡିହା ପ୍ରତାପପୁର, ବୈଦ୍ୟପୁର କୋଚିଲାଖୁଣ୍ଟା, ଦେଉଳିଆ, ଶାଳଗାଁ, ଆଡିଆସାହି ଓ ବେଲପାଳ ହାଟରେ ପ୍ରବଳ ଭିଡ଼ ସତ୍ତ୍ୱେ ବଡସାହି ଓ ମାଣତ୍ରୀ ବଜାରରେ ଲୋକମାନେ ମନପସନ୍ଦର ଜିନିଷ କିଣିବା ପାଇଁ ଅଧିକ ଭିଡ ପରିଲକ୍ଷିତ ହେଉଛି।

